# ‘ନୂଆ ଓଡ଼ିଶା ନିର୍ମାଣର ପ୍ରୟୋଗଶାଳା ହେଉ ଡ୍ରିମ୍ସ’

## ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

କଟକ(କାର୍ତ୍ତିକ ସାହୁ)/ମଙ୍ଗୁଳି ଜଗତପୁର(ମାନସ ସାମଲ),୧୧।୧



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ କୃଷ୍ଣା ମହାନ୍ତିଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରୁଛନ୍ତି।

ଆମ ଓଡ଼ିଶାକୁ କେହି ପଛରେ ପକେଇପାରିବେ ନାହିଁ। ଇଂଲିଶ ଭାଷା ଜରିଆରେ ବ୍ରିଟିଶମାନେ ଭାରତୀୟଙ୍କୁ କଳା ବ୍ରିଟିଶ କରି ଦେଇଗଲେ। ଓଡ଼ିଆ ଭାଷାରେ କଥା ହେବା ଉଚିତ୍। ଏଥିରୁ କେହି ପଛଘୁଞ୍ଚା ଦେବା କଥା ନୁହେଁ। ଇଂଲିଶ ଭାଷା ନ ଜାଣି ପଠାଣି ସାମନ୍ତ ବାଉଁଶ ନଳିରୁ ତାରା ନକ୍ଷତ୍ର ଗଣିଥିଲେ। ଜାତୀୟ ଶିକ୍ଷାନୀତି ଅନୁଯାୟୀ ସ୍ଥାନୀୟ ଭାଷାରେ ପାଠ ପଢ଼ାଇବା ଉଚିତ୍। ଆଗାମୀ ଦିନରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଡାକ୍ତର ଓ ଇଞ୍ଜିନିୟର ଓଡ଼ିଆ ଭାଷାରେ ତିଆରି କରୁ। ନୂଆ ଓଡ଼ିଶା ନିର୍ମାଣର ପ୍ରୟୋଗଶାଳା ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କଟକ ଜିଲା ଟାଙ୍ଗୀଠାରେ ଅବସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ କହିଛନ୍ତି, ଓଡ଼ିଆ ଜାତିକୁ ଆଗକୁ ନେବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଜଣେ ଓଡ଼ିଆ ଛାତ୍ରୀ ବ୍ରିଟିଶ ପେଟ୍ରୋଲିୟମରେ କାର୍ଯ୍ୟ କରୁଛନ୍ତି। ବିଶ୍ୱସ୍ତରର ଛାତ୍ରୀଛାତ୍ର ସୃଷ୍ଟି କରିବାର ସାମର୍ଥ୍ୟ ରଖିଛି ଡ୍ରିମ୍ସ ବିଶ୍ୱବିଦ୍ୟାଳୟ।

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଡେପୁଟି ରେଜିଷ୍ଟ୍ରାର ଇଂ. ଶିଶିର କୁମାର ସାହୁ, ବୋର୍ଡ ଅଫ୍ ଗଭର୍ନର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ. ପ୍ରଭାକର ସ୍ୱାଇଁ, ଇଂ. ଅଶୋକ କୁମାର ବାସା, ପ୍ରଫେସର ଡ. ବିଜୟାନନ୍ଦ ସିଂହ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋଙ୍କ ସମେତ ପରିଚାଳନା କମିଟି ଓ ଏକାଡେମିକ୍ କାଉନସିଲର ସଭ୍ୟ, ବିଭିନ୍ନ ବିଭାଗର ନିର୍ଦ୍ଦେଶକ, ଡିନ୍, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଅଭିଭାବକ ଓ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ।

ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ, ବିଶିଷ୍ଟ ଗାନ୍ଧିବାଦୀ, ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ କୃଷ୍ଣା ମହାନ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହିତ ୫୦୦ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଏବଂ ୧୦ ଜଣ ଟପ୍ପର ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

# ମୁରଲିଧର ରଥ ପାଇବେ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫

ଭୁବନେଶ୍ୱର, ୧୧।୧(ବନ୍ଦନା ସେଠୀ)



ବରିଷ୍ଠ ସାମାଜିକ କର୍ମୀ, ରାଜନୀତିଜ୍ଞ ମୁରଲିଧର ରଥ ସମ୍ମାନଜନକ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫ ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୬ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରଠାରେ ଇଣ୍ଡିଆନ୍ ଆଚିଭର୍ସ ଫୋରମ୍ ପକ୍ଷରୁ ଆୟୋଜିତ ‘ମିଶନ ବିକଶିତ ଭାରତ @୨୦୪୭’ ଜାତୀୟ ସମ୍ମେଳନରେ ମୁରଲିଧରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଚନ୍ଦୋଳ ଗ୍ରାମର ୯୨ବର୍ଷୀୟ ମୁରଲିଧର ଏହି ସମ୍ମାନ ପାଇଁ ମନୋନୀତ ହେବାରେ ପ୍ରଥମ ଓଡ଼ିଆ। ରାଷ୍ଟ୍ରଗଠନରେ ଅତୁଳନୀୟ ଅବଦାନ ପାଇଁ ମୁରଲିଧରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି ବୋଲି ଇଣ୍ଡିଆନ୍ ଆଚିଭର୍ସ ପକ୍ଷରୁ କୁହାଯାଇଛି।

# ପୁରନ୍ଦର ମିଶ୍ରଙ୍କୁ ‘ପ୍ରବାସୀ ଓଡ଼ିଆ ସମ୍ମାନ’



ପ୍ରବାସୀ ଓଡ଼ିଆ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ, ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୧।୧ (ସୌମ୍ୟରଞ୍ଜନ ରାଉତ)

### ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରବାସୀ ଓଡ଼ିଆ ଦିବସ, ଉତ୍କଳ ଉତ୍ସବ

ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ)ର ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଅବସରରେ ଶନିବାର ସ୍ଥାନୀୟ ଏକ ହୋଟେଲରେ ପ୍ରବାସୀ ଓଡ଼ିଆ ଦିବସ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡ଼ର ସର୍ବୋଚ୍ଚ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଛତିଶଗଡ଼ ବିଧାୟକ ପୁରନ୍ଦର ମିଶ୍ରଙ୍କୁ ପ୍ରଥମ ‘ପ୍ରବାସୀ ଓଡ଼ିଆ ସମ୍ମାନ’ରେ ସମ୍ମାନିତ କରାଯାଇଛି। ପ୍ରବାସୀ ଓଡ଼ିଆଙ୍କ ଏହି ମହାକୁମ୍ଭରେ ଓଡ଼ିଶାର ମାନ, ସମ୍ମାନ ଓ ସମୃଦ୍ଧି ପାଇଁ ଯୋଗଦାନ ଦେଇଥିବା ଓଡ଼ିଆମାନଙ୍କୁ ‘ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ’ ଏବଂ ‘ରତ୍ନଶ୍ରୀ ପୁରସ୍କାର’ ପ୍ରଦାନ କରାଯାଇଛି। ୱାଓସୋ ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଛତିଶଗଡ ବିଧାୟକ ପୁରନ୍ଦର ମିଶ୍ର, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୱାଓସୋ ଅଧ୍ୟକ୍ଷ କିଶୋର ଦ୍ୱିବେଦୀ କହିଛନ୍ତି, ପ୍ରବାସୀ ଓଡ଼ିଆଙ୍କ ସର୍ବୋଚ୍ଚ ସଙ୍ଗଠନ ୱାଲ ଓଡ଼ିଶା ସୋସାଇଟି ଆନ୍ତର୍ଜାତିକ ଦରବାରରେ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ସାହିତ୍ୟ, ଭାଷା, ପର୍ଯ୍ୟଟନ, ପରିପାଟୀ, ଭାସ୍କର୍ଯ୍ୟ ଏବଂ ବ୍ୟଞ୍ଜନର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛି। ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କୁ ଏକ ମଞ୍ଚରେ ଏକଜୁଟ କରି ସେମାନଙ୍କ ଭୌତିକ ଓ ବୌଦ୍ଧିକ ସମ୍ବଳକୁ ମାତୃପ୍ରଦେଶ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନୟନ ସକାଶେ ବିନିଯୋଗ କରିବା ସଙ୍ଗଠନର ମୂଳ୍ୟ ଲକ୍ଷ୍ୟ। ୨୦୩୬ ମସିହାରେ ଓଡ଼ିଶା ଯେତେବେଳେ ଭାଷା ଭିତ୍ତିକ ସତନ୍ତ୍ର ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ ସେ ସମୟରେ ଆମେ ଏକ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ସମୃଦ୍ଧ ଓଡ଼ିଶା ଦେଖିବାକୁ ସକ୍ଷମ ହେବା ବୋଲି ସେ କହିଛନ୍ତି। ଏହି ଅବସରରେ ‘ଉତ୍କଳ ଉତ୍ସବ’ ନାମରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା। ମହୋତ୍ସବର ଅନ୍ୟତମ ଆକର୍ଷଣ ଭାବରେ ‘ରାଇଜିଂ ଓଡ଼ିଶା ସମିଟ୍’ ଆୟୋଜନ କରାଯାଇଥିଲା। ଅତିଥିମାନେ ସଙ୍ଗଠନର ସ୍ମରଣିକା ଉନ୍ମୋଚନ କରିଥିଲେ। ୱାଓସୋର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିବାବେଳେ ଅନେକ ଭର୍ଚ୍ଚୁଆଲରେ ଯୋଗଦେଇଥିଲେ।

# ସରିଲା ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବ





ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ଓ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୧୧।୧(ସୁବାସ ଚନ୍ଦ୍ର ପ୍ରଧାନ)

ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବର ଶନିବାର ଥିଲା ଅନ୍ତିମ ସନ୍ଧ୍ୟା। କାର୍ଯ୍ୟକ୍ରମର ପ୍ରଥମ ସ୍ତବକରେ ଗୁଡ୍‌ଲି ରଥ ଏବଂ ସାଥୀଙ୍କ ଦ୍ୱାରା ଶିବବନ୍ଦନା ପରିବେଷିତ ହୋଇଥିଲା। ଦ୍ୱିତୀୟ ସ୍ତବକରେ ତିନି ଶିଳ୍ପୀଙ୍କର ଏକକ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମେ ଅନିଶ୍ ରାଘବନଙ୍କ ଦ୍ୱାରା ଓଡ଼ିଶୀ, ଦ୍ୱିତୀୟରେ ସୋହିନୀ ବନ୍ଦ୍ୟୋପାଧ୍ୟାୟଙ୍କ ଦ୍ୱାରା କଥକ ଏବଂ ତୃତୀୟରେ ପୂର୍ଣ୍ଣଶ୍ରୀ ରାଉତଙ୍କ ଦ୍ୱାରା ଓଡ଼ିଶୀ ପରିବେଷିତ ହୋଇଥିଲା। ଶେଷରେ ସୁମନ ସରୱଗୀ ଏବଂ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ମଣିପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହିତ ଚତ୍ରଶିଳ୍ପୀ ମାନସ ଜେନାଙ୍କ ରଙ୍ଗତୂଳି ଚିତ୍ରକଳା ଆକର୍ଷଣ ସାଜିଥିଲା। ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱ ଦୋଳଗୋବିନ୍ଦ ରଥ ଏବଂ ବିଶିଷ୍ଟ ନୃତ୍ୟାଙ୍ଗନା ଇଲିଆନା ସିତାରିଷ୍ଟି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଏବଂ ସାହିତ୍ୟିକ ଡ. ମିହିର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଏବଂ ସୋମାଦତ୍ତ ମହାପାତ୍ର ସଂଯୋଜନା କରିଥିଲେ।

# ଜୟୀରାମ ସାମଲ ପାଇବେ ‘ବସନ୍ତ ନାୟକ ସମ୍ମାନ’

ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)

ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱପ୍ନର ସୌଦାଗର କୁହାଯାଉଥିବା ପ୍ରଯୋଜକ ବସନ୍ତ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସନ୍ତା ୧୬ ତାରିଖରେ ସୂଚନାଭବନଠାରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ହାସ୍ୟ ଅଭିନେତା ଜୟୀରାମ ସାମଲ ଓରଫ ଜୟୀଙ୍କୁ ‘ବସନ୍ତ ନାୟକ ସମ୍ମାନ ୨୦୨୫’ ପ୍ରଦାନ କରାଯିବ। ବସନ୍ତ ନାୟକଙ୍କ ପ୍ରଯୋଜିତ ଅଧିକାଂଶ ଚଳଚ୍ଚିତ୍ରରେ ଜୟୀ ଅଭିନୟକରି ହାସ୍ୟରସର ଏକ ନବଦିଗନ୍ତ ସ୍ଥାପନ କରିଛନ୍ତି। ଜୟୀଙ୍କ ଅବଦାନ ଓ ଅଭିନୟକୁ ସ୍ୱୀକୃତି ଜଣାଇ ବସନ୍ତ ନାୟକଙ୍କ ୮୮ତମ ଜନ୍ମଦିନରେ ଏହି ପୁରସ୍କାର ପ୍ରଦାନ କରାଯିବ। ଉତ୍ସବରେ ବସନ୍ତ ନାୟକଙ୍କ ପ୍ରଯୋଜିତ ଚଳଚ୍ଚିତ୍ରର ସଙ୍ଗୀତ ଓ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବସନ୍ତ ନାୟକ ଫାଉଣ୍ଡେଶନ ପକ୍ଷରୁ ଉତ୍ତମ ମହାନ୍ତି, ସୂର୍ଯ୍ୟ ଦେଓ, ପ୍ରେମ୍ ଆନନ୍ଦ, ଅତିଶ୍ ମହାନ୍ତି, ରବୀନ୍ଦ୍ର ପଣ୍ଡା, ନିବେଦିତା ମହାନ୍ତି, ସଞ୍ଜୟ କୁମାର ନାୟକ (ଟୁଟୁ) ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସୁବ୍ରତ



@ ସୁମନ୍ତ



@ ନଟବର



@ ଦୀପକ



@ ସୁଶାନ୍ତ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପ୍ରଥମ ସେନ୍ସର ମାର୍ଗ ଭାବେ ଭୀମ ଭୋଇ ମାର୍ଗ ବିକଶିତ



କାର୍ଯ୍ୟକ୍ରମରେ ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୧।୧(ସୌମ୍ୟରଞ୍ଜନ ରାଉତ)

ସାମାଜିକ ସଙ୍ଗଠନ ଆଇନା, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ଓ ଭୁବନେଶ୍ୱର ମହାନଗର ନିଗମର ମିଳିତ ସହଯୋଗରେ ରାଜଧାନୀ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ଭାଗରେ ଥିବା ଭୀମ ଭୋଇ ମାର୍ଗକୁ ଦେଶର ପ୍ରଥମ ସେନ୍ସର ମାର୍ଗ ଭାବେ ବିକଶିତ କରାଯାଇଛି। ଏଥିରେ ଦୃଶ୍ୟ, ଶ୍ରାବ୍ୟ, ସ୍ପର୍ଶ ଏବଂ ବାସ୍ନାର ଅନୁଭବ ପାଇଁ ନିର୍ମିତ ହୋଇଛି ବିଭିନ୍ନ ଢାଞ୍ଚା। ଭୀମ ଭୋଇ ମାର୍ଗର କାନ୍ଥ ଓ ଗୋଟିଏ ପାର୍ଶ୍ୱରେ ଚିତ୍ର, ସାଙ୍କେତିକ ଭାଷା, ବ୍ରେଲି ରେଲିଂ, ଡାର୍କ ରୁମ୍ ଓ ଅଡିଓ ଲାଇଟର ବ୍ୟବସ୍ଥା କରାଯାଇଛି, ଯାହାକି ଦୃଷ୍ଟିବାଧିତ, ବାକ୍ ବାଧିତ ଏବଂ ଶ୍ରବଣ ବାଧିତ ପିଲାଙ୍କୁ ସର୍ବ ସାଧାରଣ ସ୍ଥାନଗୁଡ଼ିକରେ ସ୍ୱଚ୍ଛନ୍ଦ ଭାବେ ଚଳିବା ଓ ସୁଖଦ ଅନୁଭବ କରିବାରେ ସହାୟକ ହୋଇପାରିଛି। ସବୁ ପବ୍ଲିକ ପ୍ଲେସ୍‌ରେ ଏଭଳି ବ୍ୟବସ୍ଥା ବିକଶିତ ହେବାର ଆବଶ୍ୟକତା ରହିଛି ବୋଲି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଛନ୍ତି। ସେହିପରି ଏଭଳି ପାର୍କ ଏକ ନିଆରା ଅନୁଭବ ଦେଇଥିବା ପୂର୍ବତନ ଏମ୍‌ପି ତଥାଗତ ସତପଥୀ କହିଛନ୍ତି। ନୀତି ନିର୍ଦ୍ଧାରକମାନେ ଏଠାକୁ ଆସି ଏହାକୁ ଉପଲବ୍ଧ କରିବା ସହିତ କାର୍ଯ୍ୟରେ ରୂପାୟନ କଲେ ପିଲାଙ୍କ ପାଇଁ ସର୍ବସାଧାରଣ ସ୍ଥାନଗୁଡ଼ିକ ଆନନ୍ଦଦାୟକ ହୋଇପାରିବ ବୋଲି ତଥାଗତ କହିଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଏବଂ ଅନ୍ୟମାନେ ଯୋଗଦେଇଥିଲେ।

# ଫୁଲ ଜୀବନ ଜୀବିକାର ମାଧ୍ୟମ: ଜଙ୍ଗଲ ମନ୍ତ୍ରୀ

## ୫ଦିନିଆ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

■ଆଜି ସର୍ବସାଧାରଣଙ୍କ ପାଇଁ ଖୋଲିବ

ଭୁବନେଶ୍ୱର,୧୧।୧ (ସୌମ୍ୟରଞ୍ଜନ ରାଉତ)



ପୁଷ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଫୁଲ ମାନବ ସମାଜ ପାଇଁ ପ୍ରକୃତିର ଏକ ଅଦ୍ଭୁତ ସୌନ୍ଦର୍ଯ୍ୟମୟ ଅବଦାନ। ଆମ ଦୈନନ୍ଦିନ ଜୀବନରେ ଫୁଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଫୁଲ ଏକ ମୁଖ୍ୟ ସାମଗ୍ରୀରୂପେ ବ୍ୟବହୃତ ହୋଇଥାଏ। ଫୁଲ କେବଳ ସୌନ୍ଦର୍ଯ୍ୟ ଓ ଉପଭୋଗ୍ୟ ବସ୍ତୁ ନ ହୋଇ ଏହା ଆମର ଜୀବନ ଜୀବିକାର ମାଧ୍ୟମ ହୋଇପାରିଛି ବୋଲି ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନର ମିଳିତ ସହଯୋଗରେ ଏକାମ୍ରକାନନଠାରେ ୫ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହି ପ୍ରଦର୍ଶନୀ ଆମକୁ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣ କରିବାରେ ପ୍ରେରଣା ଯୋଗାଇବ ବୋଲି ମତ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ୧୯୮୫ରେ ପ୍ରତିଷ୍ଠା ହୋଇଥିବା ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଏକାମ୍ରକାନନ ଏବେ ଉଦ୍ଭିଦ ଗବେଷଣା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ। ଏହା କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକ ପାର୍କ ନୁହେଁ, ଏଠାରେ ଥିବା ଅତ୍ୟାଧୁନିକ ଟିସୁ କଲ୍‌ଚର ଲାବରେଟୋରି ଦେଶରେ ପ୍ରସିଦ୍ଧ। ପ୍ରଦର୍ଶନୀର ବଗିଚା ପ୍ରତିଯୋଗିତାରେ ୧୦୪ ବ୍ୟକ୍ତି ଓ ଅନୁଷ୍ଠାନ ଭାଗ ନେଇଥିବାବେଳେ ୮୨ ବ୍ୟକ୍ତି/ଅନୁଷ୍ଠାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ୮୪୦ ଜଣଙ୍କ ମଧ୍ୟରୁ ୩୭ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବଡବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ୍ କୁମାର ଝା, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ରଶାସନିକ ଅଧିକାରୀ ରତ୍ନପର୍ଣ୍ଣା ମହାପାତ୍ର, ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସଭାପତି କ୍ଷୀରୋଦ ପଟ୍ଟନାୟକ ଓ ସମ୍ପାଦକ ପି. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଶନିବାର ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଥିଲେ ମଧ୍ୟ ରବିବାର ଖୋଲା ରହିବ। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ପ୍ରଦର୍ଶନୀକୁ ଉପଭୋଗ କରି ପାରିବେ ବୋଲି ସୂଚନା ଦିଆଯାଇଛି।

### ନାବାଳିକାଙ୍କୁ ଅସଦାଚରଣ କରି ଛେଚା ଖାଇଲେ ଯୁବକ

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ କଲେଜ ଛକ ନିକଟରେ ଶନିବାର ରାତି ପ୍ରାୟ ୯ଟାରେ ନାବାଳିକାଙ୍କୁ ନିଶାଗ୍ରସ୍ତ ଜଣେ ଯୁବକ ଅଶ୍ଳୀଳ ବ୍ୟବହାର କରିବାରୁ ତାଙ୍କୁ ସ୍ଥାନୀୟ ଲୋକଙ୍କଠାରୁ ମାଡ଼ ଖାଇବାକୁ ପଡ଼ିଛି। ପ୍ରକାଶ ଯେ, ନାବାଳିକା ଜଣଙ୍କ କଲେଜ ଛକକୁ ସଉଦା କିଣିବାକୁ ଆସି ସେଠାରେ ଏକ ଚେୟାରରେ ବସିଥିଲେ। ଶିରେଇ ଗ୍ରାମର ଜଣେ ଯୁବକ ମଦ୍ୟ ପାନ କରି ହାତରେ ସିଗାରେଟ ଧରି ସେଠାରେ ପହଞ୍ଚି ନାବାଳିକାଙ୍କ ମୁହଁକୁ ଧୂଆଁ ଛାଡ଼ିଥିଲେ। ସେଥିରେ ନାବାଳିକା ପ୍ରତିବାଦ କରିବାରୁ ସେ ଲାଇନ ମାରିବାକୁ ଆସିଥିବା କହିଥିଲେ। ଏଥିରେ ନାବାଳିକା ଗୋଡ଼ରୁ ଚପଲ କାଢି ଉକ୍ତ ଯୁବକଙ୍କୁ ମାଡ଼ ମାରିଥିଲେ। ପରେ ସ୍ଥାନୀୟ ଲୋକେ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ଖବରପାଇ ନୟାହାଟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା।






୧୧।୧।୨୦୨୫

| ୭,୦୫,୪୭୪ ଟଙ୍କା | |
|---|---|
| ସୁନା | ୩.୦୩୦ ଗ୍ରାମ୍ |
| ରୁପା | ୧୧୨.୫୦୦ ଗ୍ରାମ୍ |

# ଉଠାଦୋକାନୀଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

## ସୋମବାର ଜିଲାପାଳ ଅଫିସ ଘେରାଉ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ପୁନର୍ବାର ବଡ଼ଦାଣ୍ଡରେ ଥଇଥାନ ଏବଂ ମାସିକ ଅର୍ଥରାଶି ପ୍ରଦାନ କରିବାକୁ ଦାବିକରି ବଡ଼ଦାଣ୍ଡ ଉଠାଦୋକାନୀ ବ୍ୟବସାୟୀ ମହାସଂଘ ପକ୍ଷରୁ ୭୭ ଦିନର ଧାରଣା ଓ ୪ ଦିନର ନିର୍ଜଳ ଉପବାସ ତଥା ଆମରଣ ଅନଶନ ଶନିବାର ଶେଷ ହୋଇଛି। ସୋମବାରଠାରୁ ଜିଲାପାଳ ଅଫିସ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ବଡ଼ଦାଣ୍ଡରେ ବ୍ୟବସାୟ କରୁଥିବା ଉଠାଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ୨ମାସ ମଧ୍ୟରେ ଥଇଥାନ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ଉଚ୍ଛେଦକୁ ୧୪ ମାସରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ଥଇଥାନ କରାଯାଇ ନାହିଁ। ସେହିପରି ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଥିବା ମାସିକ ଆର୍ଥିକ ସହାୟତା ରାଶି ଗତ ୬ ମାସ ହେବ ବନ୍ଦ ରହିଛି। କ୍ୟାବିନ ନିର୍ମାଣ ନିମନ୍ତେ ଅଧା ଟଙ୍କା ପ୍ରଦାନ କରିଥିବା ବେଳେ ଅଧା ଟଙ୍କା ପ୍ରଦାନ କରାଯାଉ ନାହିଁ। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଶ୍ରୀସେତୁଠାରେ ଥଇଥାନ କରିବାକୁ ଦୋକାନୀଙ୍କୁ କୁହାଯାଇଥିଲେ ମଧ୍ୟ ସେଠାରେ ଭିତ୍ତିଭୂମି ଠିକ୍ ନ ଥିବା ହେତୁ ସେଠାକୁ ନ ଯିବାକୁ ଉଠାଦୋକାନୀଙ୍କ ପକ୍ଷରୁ ମନା କରିଯାଇଛି। ତେଣୁ ସ୍ଥାୟୀ ଥଇଥାନ ବ୍ୟବସ୍ଥା ନ ହେବା ଯାଏଁ ବଡ଼ଦାଣ୍ଡରେ ପୁନଃ ଥଇଥାନ, ବକେୟା ମାସିକ ପାଉଣା ପ୍ରଦାନ ସହ ବିଭିନ୍ନ ଦାବି ନେଇ ମହାସଂଘ ପକ୍ଷରୁ ଗତ ୭୩ ଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପରେ ଗତ ବୁଧବାରଠାରୁ ୩ଦିନିଆ ଅମରଣ ଅନଶନ କରିଥିଲେ। ଅମରଣ ଅନଶନ କାରଣରୁ ଅନେକ ଦୋକାନୀ ଅସୁସ୍ଥ ହେବା ସହ ଜଣେ ଦୋକାନୀଙ୍କ ମୃତ୍ୟୁ ଘଟିଛି। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। କୋର୍ଟରେ ମାମଲା ରୁଜୁହୋଇଥିବା ବେଳେ ଆଇନମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ବ୍ୟବସ୍ଥା କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ମହାସଂଘ ପକ୍ଷରୁ କରାଯାଉଥିବା ଧାରଣା ଓ ଆମରଣ ଅନଶନକୁ ସ୍ଥଗିତ ରଖିବା ନେଇ ନିଷ୍ପତ୍ତି କରାଯାଇଥିବା ସୂଚନା ଦିଆଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମହାସଂଘ ନିଷ୍ପତ୍ତି ନେଇଛି।


ଦୀର୍ଘଦିନ ଧରି ଧାରଣାରେ ବସିଥିବା ଉଠା ଦୋକାନୀମାନେ ବିକ୍ଷୋଭ କରୁଛନ୍ତି।

# ୧୫ କୃତୀ ପ୍ରତିଭା ସମ୍ମାନିତ

## କୈଶୋର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ନିମାପଡ଼ା,୧୧।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ୍ ମହିଳା ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଜିଲା ସମାଜ ମଙ୍ଗଳ ବିଭାଗ ସହାୟତାରେ ଅଦ୍ୱିକା ଯୋଜନା ଅନ୍ତର୍ଗତ କୈଶୋର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନିମାପଡ଼ା କଲେଜସ୍ଥିତ ଗ୍ୟାଲେରିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଈ, ସିଡିପିଓ ମାଧବୀ ମହାପାତ୍ର, ନିମାପଡ଼ା ଏନ୍ଏସିର ଏମ୍ପିଙ୍କ ପ୍ରତିନିଧି ବରିଷ୍ଠ ନାରୀନେତ୍ରୀ ମୀନଲତା ମହାନ୍ତି, ନିମାପଡ଼ା କଲେଜ ଅଧକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷମାନିଧି ସେଠୀ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକ୍ର ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣକରି ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକରି କୃତିତ୍ୱ ହାସଲକରି ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହକୁ ଆଇସିଡିଏସ୍ ବିଭାଗର ସୁପରଭାଇଜର ଗୀତା ଗୌତମୀ, ନମିତା ନନ୍ଦ, ସ୍ୱର୍ଣ୍ଣଲତା ଦେଈ, ବନଲତା ନନ୍ଦ, ସିତାଂଶୁବାଳା ମହାନ୍ତି, ମୀନାକ୍ଷୀ ମଲ୍ଲିକ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।



ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ପୁରୀବାସୀଙ୍କୁ କୃତଜ୍ଞତା ଜ୍ଞାପନକଲେ ଜିଲାପାଳ, ଏସ୍ପି

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିଠାରେ ଚାଲିଥିବା ୪ଦିନିଆ ପୁରୀ ବେଳାଭୂମି ମହୋତ୍ସବ ବା ପୁରୀ ବିଚ୍ ଫେଷ୍ଟିଭାଲ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଛି। ଶାନ୍ତିଶୃଙ୍ଖଳାର ସହ ଏହା ପରିଚାଳିତ ହୋଇଥିବାରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍ପି ଭିନୀତ ଅଗ୍ରୱାଲ ପୁରୀବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଏହି ବିଚ୍ ଫେଷ୍ଟିଭାଲ୍ କରିବାକୁ ଚିନ୍ତା କରାଯାଇଥିଲା। ଖୁବ୍ କମ୍ ସମୟରେ ଏହାକୁ ଆୟୋଜନ କରାଯାଇଥିଲା। ଏହା ସତ୍ତ୍ୱେ ସମସ୍ତଙ୍କ ସହଯୋଗରେ ମହୋତ୍ସବ ସୁନ୍ଦର ଭାବେ ଶେଷ ହୋଇଥିବାରୁ ଏହାର ଶ୍ରେୟ ମହାପ୍ରଭୁଙ୍କ ଆଶୀର୍ବାଦ ଓ ପୁରୀବାସୀଙ୍କ ଭରପୂର ସହଯୋଗ ବୋଲି ଜିଲାପାଳ ଓ ଏସ୍ପି କହିଛନ୍ତି। ଏଥିରେ ପୁରୀବାସୀଙ୍କ ସହ ସମସ୍ତ ବରେଣ୍ୟ ଲୋକ ପ୍ରତିନିଧି, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଆରକ୍ଷୀ ବାହିନୀ, ଖବରଦାତା, ପଲ୍ଲିଶ୍ରୀ ମେଳାରେ ସ୍ୱୟଂସହାୟକ ଗୋଷ୍ଠୀ ଓ ମେଳାରେ ସାମିଲ ଅନ୍ୟାନ୍ୟ ବ୍ୟବସାୟୀ, ହୋଟେଲ ସଂଘର କର୍ମକର୍ତ୍ତା, କଳାକାର ପ୍ରମୁଖଙ୍କୁ ଉଭୟ ଜିଲାପାଳ ଓ ଏସ୍ପି କୃତଜ୍ଞତା ଜଣାଇବା ସହ ଭାଇଚାରାର ସହର ପୁରୀରେ ଏହିଭଳି ସହଯୋଗ ଭବିଷ୍ୟତରେ ମଧ୍ୟ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

### ୪ର୍ଥ ଅଭିଭାବକ ଓ ଶିକ୍ଷକ ବୈଠକ

ପିପିଲି,୧୧।୧(ଦୁର୍ଗା ମାଧବ ମିଶ୍ର)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଗୋବିନ୍ଦପୁର କ୍ଲଷ୍ଟରର ଅଡଙ୍ଗପଡ଼ା ପ୍ରାଥମିକ, ହରିଅନ୍ତା ଉଚ୍ଚ ପ୍ରାଥମିକ, ଆରୁହା ୟୁଜିୟୁପି, କଣ୍ଢାପଡ଼ା ପ୍ରାଥମିକ, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ଶିଉଳା ପ୍ରାଥମିକ, କୁଞ୍ଜର ପ୍ରାଥମିକ, ତଲଉ ପ୍ରାଥମିକ, ନୀଳକଣ୍ଠ ଉଚ୍ଚ ପ୍ରାଥମିକ, ବାଲୁଙ୍କେଶ୍ୱର ୟୁପି ଓ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ୪ର୍ଥ ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍ସିସି ଚିନ୍ତାମଣି ଓଝା ଏହାର ତତ୍ତ୍ୱାବଧାନ କରିଥିଲେ। ବୈଠକରେ ପ୍ରଥମ ସମାପ୍ତି ସୂଚକ ପରୀକ୍ଷାର ଫଳାଫଳ ତର୍ଜମା, ଦ୍ୱିତୀୟ ସମାପ୍ତି ସୂଚକ ପରୀକ୍ଷା ପାଇଁ ପ୍ରସ୍ତୁତି, ପିଲାଙ୍କ ପାଠରେ ମାନସିକ ଚାପ ଦୂରୀକରଣ, ଡ୍ରପଆଉଟ୍ ହ୍ରାସ କରିବା, ପରୀକ୍ଷା ପେ ଚର୍ଚ୍ଚାରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ନାମ ପଞ୍ଜୀକରଣ କରିବା, ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି, ପିଲାଙ୍କୁ ଆଗକୁ ନେବାରେ ଅଭିଭାବକଙ୍କ ଭୂମିକା ଆଦି ବିଷୟରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ଆଲୋଚନା କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବାଗେଶ୍ୱର ବାବା

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)


ଶନିବାର ବାଗେଶ୍ୱର ବାବା ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ଶନିବାର ରାତିରେ ବାଗେଶ୍ୱର ବାବା କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶ୍ରୀବାଗେଶ୍ୱର ଜନସେବା ସେମିତି ଆନୁକୂଲ୍ୟରେ ଲାଇଟ୍ ହାଉସ ସ୍ଥିତ ଏକ ହୋଟେଲ ପରିସରରେ ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ (ବାଗେଶ୍ୱର ବାବା)ଙ୍କ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରବଚନ ଗତ ୧୦ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୫ ଦିନିଆ ପ୍ରବଚନ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାବାଙ୍କ ପୁରୀ ଆଗମନ ଖବର ମିଳିବା ପରେ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ବାବାଙ୍କୁ ଦେଖିବା ପାଇଁ କେତେଜଣ ଅନୁରୋଧ କରିବାରୁ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ ଭିତର ପାର୍ଶ୍ୱରେ ଗେଟ୍ ଅପରପାର୍ଶ୍ୱରେ ଭକ୍ତଙ୍କ ସହ ବାର୍ତ୍ତା ଆଦାନ ପ୍ରଦାନ କରିଥିଲେ।

ଏହି ଅବସରରେ ବାବା ସୂଚନା ଦେଇ କହିଛନ୍ତି, ପୁରୀ ହେଉଛି ପୁରୁଷୋତ୍ତମ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର। କଳିଯୁଗର ପ୍ରତ୍ୟକ୍ଷ ଦେବତା ହେଉଛନ୍ତି ମହାପ୍ରଭୁ। କଳିଯୁଗ ପ୍ରଭାବରେ କାଳାନ୍ତରରେ ଯେବେ ଗଙ୍ଗା ଯମୁନା ଭଳି ସମସ୍ତ ତୀର୍ଥ ଲୁପ୍ତ ଅବସ୍ଥାରେ ପହଞ୍ଚିବେ, ସେତେବେଳେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ବିରାଜମାନ ରହିବେ। ଶ୍ରୀଜଗନ୍ନାଥ ଶଙ୍ଖ ଆକୃତିର। ଏହି ପରିପ୍ରେକ୍ଷୀରେ ଶନିବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ୧୦୦୮ ଶ୍ରୀ ବାଗେଶ୍ୱର ଧାମ ଶିଷ୍ୟମଣ୍ଡଳୀ ଓଡ଼ିଶା ତରଫରୁ ଅନୁଷ୍ଠିତ ହୋଇଛି। ବୀରହରେକୃଷ୍ଣପୁର ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ହିନ୍ଦୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ୫୦୦୦ରୁ ଊର୍ଦ୍ଧ୍ୱ ଶିଷ୍ୟ ଅଂଶଗ୍ରହଣ କରିଥିଲେ।

### ସାହିତ୍ୟକୁ ଋଦ୍ଧିମନ୍ତକରେ ପାଲା

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚା ମନ୍ଦିର ନିକଟସ୍ଥ ମୁକ୍ତାକାଶ ରଙ୍ଗମଞ୍ଚଠାରେ ୨ ଦିନ ଧରି ଚାଲିଥିବା ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ୪୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉଦ୍ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅଖଣ୍ଡ ପୁରୀ ଜିଲା ସଭାପତି ଲକ୍ଷ୍ମୀଧର ଦାଶ, ଗାୟକ ତଥା ସାଂସ୍କୃତିକ ସମ୍ପାଦକ ବନବିହାରୀ ଗ୍ରହାଚାର୍ଯ୍ୟ, ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ସମ୍ପାଦକ ସୁଦର୍ଶନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟ ସମ୍ପାଦକ ବସନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜ୍ୟ ସଭାପତି ମଦନ ମୋହନ ଜେନା ଅଧ୍ୟକ୍ଷତା କରିଥିଲେ। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ଦଳ ପାଲା ପରିବେଷଣ କରିଥିଲେ। ଉଦ୍ଯାପନୀ ଦିବସରେ ଓଡ଼ିଶାରୁ ଯୋଗଦେଇଥିବା ୩ ହଜାରରୁ ଊର୍ଦ୍ଧ୍ୱ ପାଲା କଳାକାରଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା କରାଯାଇଥିଲା।

# ଅଗ୍ନିବିପନ୍ନଙ୍କୁ ଭେଟିଲେ ସଞ୍ଜୟ ଦାସବର୍ମା

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକ୍ର କହ୍ନେଇବିଦ୍ୟାଧରପୁର ପଞ୍ଚାୟତ ସୁଜନପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡ ଘଟି ୧୫ ବଖରା ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବା ସହ ୩୦ଟି ଛେଳି ଦଗ୍ଧ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସୁଜନପୁର ଗ୍ରାମର ଅଗ୍ନିବିପନ୍ନ ପରିବାର କୁମର ସେଠୀ, ଭ୍ରମର ସେଠୀ, ଯୁଗଳ ସେଠୀ, ସୁବଳ ସେଠୀ, ତ୍ରିନାଥ ସେଠୀ, ସୁଦାମ ସେଠୀ, ପ୍ରଭାତ ସେଠୀ, ମାଧେଇ ସେଠୀ, ଚରଣ ସେଠୀ, ନାରାୟଣ ସେଠୀ, କୈଳାସ ସେଠୀ, ଫୁଲ ସେଠୀ, ରବୀନ୍ଦ୍ର ନାୟକ, ଛବି ନାୟକ ଓ ସନ୍ତୋଷ ନାୟକଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏହାସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇବା ସହ ସମସ୍ତ ପ୍ରକାର ସାହାଯ୍ୟ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲପୁର ସମିତି ସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ କଳାଶ୍ରୀ ବିଶ୍ୱାଳ, ସମିତି ସଭ୍ୟା ସଙ୍ଗୀତା ମିଶ୍ର ଓ ସଦର ବ୍ଲକ ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।


ବିପନ୍ନଙ୍କୁ ଭେଟୁଛନ୍ତି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା।

## ଓଡ଼ିଶା କୋଷ୍ଟାଲ ଟ୍ରେକ୍-୨

# ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ କ୍ୟାଡେଟ୍



ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା କୋଷ୍ଟାଲ ଟ୍ରେକ୍-୨ର ଦ୍ୱିତୀୟ ପର୍ଯ୍ୟାୟ ଆନୁଷ୍ଠାନିକ ଭାବେ ଏନ୍ସିସି ଓଡ଼ିଶା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ୍ କମୋଡର ମହେଶ ରାହଙ୍ଗଦେଲାଙ୍କ ଦ୍ୱାରା ଶନିବାର ଉଦ୍ଘାଟିତ ହୋଇଯାଇଛି। ଏଥିରେ ଗ୍ରୁପ୍ କମୋଡର ବ୍ରହ୍ମପୁର କର୍ଣ୍ଣେଲ ଅମିତ ସାଙ୍ଗୱାନ୍, ସମ୍ବଲପୁର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ, ୬ଷ୍ଠ ବାଟାଲିୟନ ଏନ୍ସିସି ପୁରୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା, ଲ୍ୟୁଟ୍ନାଣ୍ଟ କର୍ଣ୍ଣେଲ ପ୍ରୀତିରଞ୍ଜନ ଦାସ, ଲ୍ୟୁଟ୍ନାଣ୍ଟ କର୍ଣ୍ଣେଲ ଗୌରବ ସିଂ, ପୁରୀ ଏସ୍ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାପ୍ଟେନ ସଚ୍ଚିଦାନନ୍ଦ ସାହୁ ଏବଂ ଅନ୍ୟାନ୍ୟ ସ୍ଥାୟୀ ପ୍ରଶିକ୍ଷକମାନେ ମଧ୍ୟ ଉପସ୍ଥିତ ଥିଲେ। ଏନ୍ସିସି ଗ୍ରୁପ୍ ହେଡ୍କ୍ୱାର୍ଟର୍ସ ବ୍ରହ୍ମପୁର ଏବଂ ୬ଷ୍ଠ ବାଟାଲିଅନ୍ ଏନ୍ସିସି ପୁରୀର ମିଳିତ ଆନୁକୂଲ୍ୟରେ ଏହି ଟ୍ରେକିଂ ଶିବିରର ଆୟୋଜନ କରାଯାଇଛି। ଶିବିରର ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଏବଂ ସିକ୍କିମ, ଉତ୍ତର ପୂର୍ବାଞ୍ଚଳ ଏବଂ ଓଡ଼ିଶା ନିର୍ଦ୍ଦେଶାଳୟର ପ୍ରାୟ ୨୫୦ କ୍ୟାଡେଟ ଅଂଶଗ୍ରହଣ କରିଛନ୍ତି। ଟ୍ରେକ୍ର ସମୁଦାୟ ପ୍ରାୟ ୪୦ କି.ମି. ରହିଛି। ୪ଟି ପର୍ଯ୍ୟାୟ ଯଥା ସାଇକ୍ଲୋନ୍ ସେଣ୍ଟର, ବେଲଦଳ ଚନ୍ଦ୍ରଶେଖର ଏକାଡେମୀ, ବାଲିଘାଇ ସେଣ୍ଟ ଜୋସେଫ୍ ଫାର୍ମ ହାଉସ୍ ଏବଂ କୋଣାର୍କ ଭଗବତୀ ମହାବିଦ୍ୟାଳୟଠାରେ ଟ୍ରେକ୍ ଅନୁଷ୍ଠିତ ହେବ। କମୋଡର ମହେଶ କ୍ୟାଡେଟମାନଙ୍କୁ ଟ୍ରେକିଂ କ୍ୟାମ୍ପ ବିଷୟରେ ସୂଚନା ଦେଇଥିଲେ।

# ବେଆଇନ ଟ୍ରଲର ମାଡ଼ରେ ମରୁଛନ୍ତି କଇଁଛ

## ଜଳପଥରେ ହେଉନି ପାଟ୍ରୋଲିଂ, ପରିବେଶବିତ୍ଙ୍କ ମହଲରେ ଉଦ୍ବେଗ

କୋଣାର୍କ,୧୧।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଚନ୍ଦ୍ରଭାଗା ବେଳାଭୂମିର ଦରିଆ ମହାବୀର ମନ୍ଦିର ସନ୍ନିକଟ ସମୁଦ୍ର କୂଳରେ ବେଆଇନ ଟ୍ରଲର ମାଡ଼ରେ ବିରଳ ପ୍ରଜାତିର ଅଲିଭ୍ ରିଡ୍ଲେ କଇଁଛଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି।

ନଭେମ୍ବର ପ୍ରଥମ ସପ୍ତାହରୁ ଫେବୃଆରୀ ପର୍ଯ୍ୟନ୍ତ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏହି ସମୟରେ ସମୁଦ୍ର ଜଳରାଶି ମଧ୍ୟରେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଟ୍ରଲର ମାଫିଆମାନେ ନିଷିଦ୍ଧାଞ୍ଚଳରେ ମାଛ ଧରିବା ଯୋଗୁ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ବାଧାପ୍ରାପ୍ତ ହେବା ସହ ଟ୍ରଲର ମାଡ଼ରେ କେତେକ କଇଁଛଙ୍କ ମୃତ୍ୟୁ ଘଟୁଛି। ସମୁଦ୍ର ମଧ୍ୟରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ଘଟଣା ନେଇ ପରିବେଶବିତ୍ ଓ ପ୍ରକୃତିପ୍ରେମୀଙ୍କ ମହଲରେ ଉଦ୍ବେଗ ପ୍ରକାଶ ପାଇଛି। ବିରଳ ପ୍ରଜାତିର ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ଓ ସେମାନଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ପାଇଁ ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିୟମିତ ପାଟ୍ରୋଲିଂ କରାଯାଉ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ପରିବେଶବିତ୍ ଓ ପ୍ରକୃତିପ୍ରେମୀ ମହଲରେ ଦାବି କରାଯାଇଛି।

# ଜମି ଦଲାଲ ସକ୍ରିୟ, ଶାଗମାଛ ଦରରେ କିଣୁଛନ୍ତି

ସାକ୍ଷୀଗୋପାଳ,୧୧।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀରେ ଜମି ମାଫିଆ ମାତିଛନ୍ତି। ଜମି ଦଲାଲଙ୍କ ନଜରରେ ଏବେ ରାସ୍ତାକଡ଼ ନୟନଯୋରୀ, ଗୋଚର ଓ ଚାଷଜମି। ସତ୍ୟବାଦୀ ତହସିଲ ଅନ୍ତର୍ଗତ ଅଧିକାଂଶ ଗହିରରେ ଥିବା ଫସଲ ଜମି ମଧ୍ୟ ଦଲାଲଙ୍କ କବଳରୁ ବର୍ତ୍ତିପାରୁନାହିଁ। ଶାଗମାଛ ଦରରେ ବହୁ ଏକର ଜମି କିଣି ସରିବା ପରେ ତାକୁ ପ୍ଲଟିଂ କରି ଡିସିମିଲି ପିଛା ୪ରୁ ୫ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଏବେ ଏହି ସବୁ ଗହୀରରେ କେବଳ ମାଳ ମାଳ କୋଠାଘର ଦେଖିବାକୁ ମିଳୁଥିବା ବେଳେ ଜଳ ନିଷ୍କାସନ ରାସ୍ତାଗୁଡ଼ିକ ପୋତି ରାସ୍ତା ମଧ୍ୟ କରାଯାଉଥିବା ଦେଖିବାକୁ ମିଳୁଛି।

ଅନ୍ୟପଟେ ଯେଉଁ ସବୁ ଫସଲ ଜମି ରହିଛି ବର୍ଷା ସମୟରେ ଜଳ ନିଷ୍କାସନ ହୋଇ ନ ପାରି ଫସଲକୁ କ୍ଷତି କରୁଥିବା ବେଳେ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସମେତ ସାକ୍ଷୀଗୋପାଳ ଅଳଗୁମ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ନୟନଯୋରୀ ପୋତି ବିକ୍ରି ପାଇଁ ଉଦ୍ଦିଷ୍ଟ ଜମିକୁ ରାସ୍ତା କରିବା ଦ୍ୱାରା ପ୍ରାକୃତିକ ଜଳାଶୟ ଓ ନୟନଯୋରୀ ପୋତି ହୋଇଯାଉଥିବା ଅଭିଯୋଗ ହେଉଛି। ଗରିବ ଅସହାୟଙ୍କ ପାଖରୁ ମଧ୍ୟସ୍ଥିଙ୍କ ଦ୍ୱାରା ଅଳ୍ପଦରରେ ଦଲାଲମାନେ ଜମି କିଣିବା ପାଇଁ ସକ୍ଷମ ହେଉଛନ୍ତି। ଏଭଳି ସ୍ଥିତିରେ ଏବେ ପଞ୍ଚନାଇକିଆ ଛକରୁ ବୀରଗୋବିନ୍ଦପୁର ଛକ ପର୍ଯ୍ୟନ୍ତ ସତ୍ୟବାଦୀ ତହସିଲ୍ ଅଧୀନରେ ଥିବା ନୟନଯୋରୀ, ଜଳାଶୟ, ସରକାରୀ ଜମି ଓ ବେସରକାରୀ ଜମିକୁ ଜମି ଦଲାଲ କବ୍ଜା କରିସାରିଲେଣି।

ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାର କହିଛନ୍ତି, ଅନେକ ଅଭିଯୋଗ ଆମ ପାଖକୁ ଆସିଛି ଏହାର ତଦନ୍ତ କରାଯାଇ ଖୁବ୍ଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ବୁଦ୍ଧିଜୀବୀ ତାରିଣୀ ପ୍ରସାଦ ମିଶ୍ର କହିଛନ୍ତି, ସତ୍ୟବାଦୀର ଜମି ଦଲାଲ ଏଭଳି ସକ୍ରିୟ ଅଛନ୍ତି ଯେ, ଆଗାମୀ କିଛି ବର୍ଷ ମଧ୍ୟରେ ଆଉ ଫସଲ ଜମି ରହିବନାହିଁ। ତେଣୁ ଏବେଠାରୁ ପ୍ରଶାସନ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଚାଷୀ ହରମୋହନ ପଟ୍ଟନାୟକ କହିଛନ୍ତି, ଏବେ ପ୍ରାକୃତିକ ବିପର୍ଯ୍ୟୟ ଯେତିକି ଫସଲକୁ କ୍ଷତି କରୁଛି ତା'ଠାରୁ ଅଧିକ ଆମେ କ୍ଷତିଗ୍ରସ୍ତ ହେଉଛୁ ଗହୀରରେ ପ୍ଲଟିଂ ବ୍ୟବସାୟ ଦ୍ୱାରା। ପାଖ ଜମିଗୁଡ଼ିକ ବିକ୍ରି ହୋଇଯିବା ଯୋଗୁ ବିଲକୁ ରାସ୍ତା ରହୁନାହିଁ। ଅନ୍ୟପଟେ ଆମେ ଜଳକର ଦେଉଥିଲେ ଜମିକୁ ଜଳଯୋଗାଣ ରାସ୍ତା ଓ ନିଷ୍କାସନ ରାସ୍ତା ବନ୍ଦ ହୋଇଯିବାରୁ ଆମେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛୁ।

## ଅରୁନ୍ଧତୀ ଜୁଏଲର୍ସ ଫେଷ୍ଟିଭ୍ ଧମାଲ ମେଗା ଲକି ଡ୍ର'

# ୩୫ ଲକ୍ଷପତି ମନୋନୀତ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ସର୍ବବୃହତ୍ ତଥା ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର'-୨୦୨୫ ଶନିବାର ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ୨୫ ବର୍ଷ ଧରି ହୋଇଆସୁଥିବା ଏହି କାର୍ଯ୍ୟକ୍ରମ ଲକ୍ଷପତି କୁପନଧାରୀ ଗ୍ରାହକଙ୍କ ମଧ୍ୟରୁ ୩୫ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ଲକ୍ଷପତି ମନୋନୀତ କରାଯାଇଛି। ଟାଉନ ହଲ୍ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଲିଉଡ୍ ହିରୋଇନ ତଥା ଅରୁନ୍ଧତୀ ବ୍ରାଣ୍ଡ୍ ଆମ୍ବାସାଡର ଅର୍ଚ୍ଚିତା ମୁଖ୍ୟ ଆକର୍ଷଣ ସାଜିଥିଲେ।

ଏହି ଅବସରରେ ଭୁବନେଶ୍ୱରର ସୁପ୍ରତିଷ୍ଠିତ ଜାଭେଦ୍ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଡ଼ିଶାର ସ୍ୱନାମଧନ୍ୟ ଗାୟିକା ନବ୍ୟାଙ୍କର ସୁମଧୁର ସଙ୍ଗୀତ ବେଶ୍ ଆକର୍ଷଣ ସାଜିଥିଲା। ବହୁସଂଖ୍ୟାରେ ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସୁପ୍ରସିଦ୍ଧ ଆଙ୍କର ଶୁଭମ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ମୂଳଦୁଆକୁ ସୁଦୃଢ଼ ଓ ପ୍ରଶସ୍ତକରି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅଫର ମାଧ୍ୟମରେ ଲକ୍ଷାଧିକ ଗ୍ରାହକ ଜଡ଼ିତ ହେବା ସହ ଏତେ ସଂଖ୍ୟକ ଗ୍ରାହକଙ୍କ ସମର୍ଥନ ଓ ସହଯୋଗ ଅରୁନ୍ଧତୀର ପ୍ରତିଟି କର୍ମକର୍ତ୍ତାଙ୍କ ମନରେ ବିପୁଳ ଉତ୍ସାହ ଓ ବିଶ୍ୱାସ ଭରିଦେଇଛି। ଓଡ଼ିଶାବାସୀଙ୍କ ପାଇଁ ସର୍ବଦା କିଛି ନୂତନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଅରୁନ୍ଧତୀ ଜୁଏଲର୍ସ ଆଗାମୀ ଦିନରେ ମଧ୍ୟ ଲକ୍ଷପତି ଓ ବିଦେଶ ଭ୍ରମଣ ସୁଯୋଗ ନେଇ ଆସୁଛି।



କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଓ ଅନ୍ୟମାନେ ।

**ହଳଦୀପଡ଼ିଆ ବସ୍ତିରେ ବୋମା ମାଡ଼ ଘଟଣାରେ ୨ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀର ହଳଦିପଡ଼ିଆ ବସ୍ତିରେ ଘଟିଥିବା ବୋମା ମାଡ଼ ଘଟଣାରେ ଫେରାର ୨ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ପୋଲିସ ୬ଦିନ ପରେ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳର ଦେବାଶିଷ ନାୟକ ଓ ଗୌରାଙ୍ଗ ନାୟକ। ସେମାନଙ୍କଠାରୁ ଏକ ସ୍କୁଟି ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ‘ଯୁବପିଢ଼ି ସବୁକ୍ଷେତ୍ରରେ ପାରଦର୍ଶିତା ଦେଖାନ୍ତୁ’

## ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ



**ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)**

ବର୍ତ୍ତମାନର ଛାତ୍ରୀଛାତ୍ର ଆଗାମୀ ଓଡ଼ିଶାର ଭବିଷ୍ୟତ। ଆମ ଯୁବପିଢ଼ି ସବୁକ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାନ୍ତୁ। ନୂତନ ଓଡିଶା ଗଢ଼ିବା ସହିତ ଓଡିଶାକୁ ସମ୍ଭାଳିବାରେ ପ୍ରମୁଖ ନେତୃତ୍ୱ ନେବା ଭଳି ଦକ୍ଷତା ଅର୍ଜନ କରନ୍ତୁ। ଗୁରୁଙ୍କଠାରୁ ପାଉଥିବା ଜ୍ଞାନରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ତୋଳନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଲେ, ଗୁରୁ ଏବଂ ଅଭିଭାବକମାନେ ପିଲାଙ୍କୁ ସଂସ୍କାର ଶିକ୍ଷା ଦେବା ସହିତ ଓଡିଶାର ପାରମ୍ପରିକ ସଂସ୍କୃତି ସହ ଯୋଡି ରଖନ୍ତୁ। ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘ ପକ୍ଷରୁ କରାଯାଇଥିବା ଅନୁରୋଧ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ପୁରାତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ ଯୋଗଦେଇ କହିଲେ, ଏହି ବିଦ୍ୟାଳୟର ଅନେକ ଖ୍ୟାତି ରହିଛି। ୬୦ ବର୍ଷ ଧରି ବିଦ୍ୟାଳୟ ଗୌରବ ବଢ଼ାଉଛି। ତେଣୁ ଛାତ୍ରୀଛାତ୍ର ଶିକ୍ଷକଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ। ଏହା ଏକ ସୁନ୍ଦର ଭବିଷ୍ୟତ ପାଇଁ ପଥ ପଦର୍ଶକ ହେବ। ପ୍ରତ୍ୟେକ ପିଲା ଜଣେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି। ପୁରାତନ ଛାତ୍ର ସଂଘ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଦାସ କହିଲେ, ଛାତ୍ରୀଛାତ୍ର ଗୁରୁଙ୍କଠାରୁ ପାଉଥିବା ଜ୍ଞାନକୁ ମାନବ କଲ୍ୟାଣ ପାଇଁ ପ୍ରୟୋଗ କରନ୍ତୁ। ଏହି ଅବସରରେ ସେ ବିଦ୍ୟାଳୟରେ ଏକ ଅଡ଼ିଟୋରିୟମ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୁପାଲୀ ସେନାପତି କହିଲେ, ପୁରାତନ ଛାତ୍ରୀଛାତ୍ର ଏହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀଛାତ୍ର ବଡ ସ୍ୱପ୍ନ ଦେଖନ୍ତୁ ଓ ସ୍ୱପ୍ନ ପୂରଣ ପାଇଁ କଠିନ ପରିଶ୍ରମ କରନ୍ତୁ। ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ଓ ସମ୍ପାଦକ ମାନସ ରାୟ ମହାପାତ୍ର ବକ୍ତବ୍ୟ ରଖିଥିବାବେଳେ ସମ୍ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୭୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୁରାତନ ଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯାଇଥିଲା। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଶୁକ୍ରବାର ଶେଷ ହୋଇଥିବାବେଳେ ଶନି ଓ ରବିବାର ସର୍ବସାଧାରଣ ଉଦ୍ଦେଶ୍ୟରେ ଖୋଲାଯାଇଛି। ସମ୍ମିଳନୀ ଆୟୋଜନ ଓ ପ୍ରଦର୍ଶନୀ ଦେଖିବାକୁ ଶନିବାର ଲୋକଙ୍କ ଧାଡ଼ି ଲାଗିଥିଲା। ଫଳରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଅସମ୍ଭାଳ ଜାମ୍ ହୋଇଥିଲା। (ଫଟୋ- ବିକାଶ ନାୟକ)



ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

# ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୨୧ ପୁରସ୍କାର

**ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)**

ଏକାମ୍ର କାନନରେ ଚାଲିଥିବା ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ମୋଟ ୨୧ଟି ପୁରସ୍କାର ପାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ପ୍ରଦର୍ଶିତ ବର୍ଗରେ ୯ଟି ଏବଂ ଉଦ୍ୟାନ ବର୍ଗରେ ୧୨ଟି ପୁରସ୍କାର ପାଇଛି। ଏହି ପୁରସ୍କାର ମଧ୍ୟରେ ପ୍ରଥମ ଶ୍ରେଣୀରେ ୯ଟି, ଦ୍ୱିତୀୟ ଶ୍ରେଣୀରେ ୭ଟି, ତୃତୀୟ ଶ୍ରେଣୀରେ ୨ଟି ଓ ମେରିଟ୍‌ରେ ୩ଟି ପୁରସ୍କାର ମିଳିଛି ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ‘ସମସ୍ତେ ସୁଖୀ ହେଲେ ବିକଶିତ ଭାରତର ସ୍ୱପ୍ନ ସାର୍ଥକ ହେବ’

**ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)**

ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ପକ୍ଷରୁ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟରେ ‘ବିକଶିତ ଭାରତ, ଦିବ୍ୟ ଭାରତ, ବିକଶିତ ଓଡିଶା’ ଶୀର୍ଷକ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଗୋଲକ ବିହାରୀ ରାୟ ଯୋଗଦେଇ କହିଲେ, ବସ୍ତୁବାଦ ନୁହଁ, ବରଂ ଆଧ୍ୟାତ୍ମିକ ସାଧନା ଭାରତୀୟଙ୍କ ଧ୍ୟେୟ ହୋଇ ରହିଆସିଛି। ବସ୍ତୁବାଦୀ ଆଶା ଅସରନ୍ତି, ମାତ୍ର ଆଧ୍ୟାତ୍ମିକ ଭାବ ସୁଖ ପ୍ରଦାନ ଓ ସନ୍ତୋଷ ପ୍ରଦାନ କରେ। ସମସ୍ତେ ସୁଖୀ ହେଲେ ବିକଶିତ ଭାରତ, ଦିବ୍ୟ ଭାରତର ସ୍ୱପ୍ନ ସାର୍ଥକ ହୋଇପାରିବ। ମୁଖ୍ୟ ଅତିଥିଭାବେ ପୂର୍ବତନ ଉଚ୍ଚଶିକ୍ଷା ଓ ଶ୍ରମମନ୍ତ୍ରୀ ବିମ୍ବାଧର କୁଅଁର ଯୋଗଦେଇ ଓଡିଶାର ପ୍ରାକୃତିକ ସମ୍ପଦର ଠିକ ବିନିଯୋଗ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସରକାର ସ୍ୱଚ୍ଛ ଓ ନିର୍ମଳ ରହିଲେ ପ୍ରଶାସନ ଜନମଙ୍ଗଳକାରୀ ହୋଇପାରିବ। ଜନମଙ୍ଗଳକାରୀ ସରକାର ହିଁ ବିକଶିତ ଓଡିଶାର ସାର୍ଥକ ସାରଥି ହେବ। ସମ୍ମାନିତ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ସ୍ୱଦେଶୀ, ସ୍ୱାବଲମ୍ବନ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବଶକ୍ତି ହିଁ ବିକଶିତ ଓଡିଶାର ବିକାଶର ପୁରୋଧା ହେବେ। ବନବାସୀ, ଗ୍ରାମବାସୀଙ୍କ ବିକାଶ ହେଲେ ଦିବ୍ୟ ଭାରତର ପରିକଳ୍ପନା ସାକାର ରୂପ ନେବ ବୋଲି ମତ ରଖିଥିଲେ। ଶିକ୍ଷାବିତ୍ ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପବିତ୍ର କୁମାର ରଥ ସ୍ୱାଗତ ବକ୍ତବ୍ୟ , ଡ. ଗୌରୀଶଙ୍କର ସାହୁ ଅତିଥି ପରିଚୟ ଓ ମଞ୍ଚର ସଂଯୋଜକ ଡା. ମାନଭଞ୍ଜନ କଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଳା, ସାହିତ୍ୟ, ଦର୍ଶନ, ସେବା, ଶିକ୍ଷା, ଗବେଷଣା, ଶୈକ୍ଷିକ ନେତୃତ୍ୱ ପାଇଁ ପ୍ରଫେସର ସଞ୍ଜୟ କୁମାର ଶତପଥୀ (ମରଣୋତ୍ତର), ଦିନେଶ ପ୍ରସାଦ ପଟ୍ଟନାୟକ, ରିତା ପାଇକରାୟ, ହରିଶ୍ଚନ୍ଦ୍ର ପ୍ରଧାନ, ଡ. ନାରାୟଣ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁରଙ୍କ ସହ ଅନ୍ୟ ଅତିଥିମାନେ।

# କୁନି ବୈଜ୍ଞାନିକଙ୍କ ପରିବେଶ ଚିନ୍ତା, ସମାଧାନ କଲା ରୋବଟ

**ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)**

## ଷ୍ଟୁଆର୍ଟ ସ୍କୁଲରେ ବିଜ୍ଞାନ, କଳା ପ୍ରଦର୍ଶନୀ

ଷ୍ଟୁଆର୍ଟ ସ୍କୁଲ ପରିସରରେ ୬୪ତମ କଳା ଓ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳା ପ୍ରଦର୍ଶନୀରେ ପ୍ରାୟ ୫୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। କୁନି ବୈଜ୍ଞାନିକମାନେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି ବାୟୁ, ଜଳ, ପରିବେଶ ପ୍ରଦୂଷଣ ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଥିଲେ। ସେହିପରି ରୋବଟକୁ ନେଇ ପିଲାମାନେ ବହୁ ପ୍ରକଳ୍ପ କରିଥିଲେ। ସେମାନେ ରୋବଟ ଜରିଆରେ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ କରିବା, ଅତ୍ୟଧିକ ଗରମକୁ ନିୟନ୍ତ୍ରଣ କରିବା ସହିତ ସମସ୍ତ ପ୍ରଶ୍ନର ତୁରନ୍ତ ସମାଧାନ କରିପାରିବା ଭଳି ବିଭିନ୍ନ ପ୍ରକାରର ରୋବଟ ଦେଖିବାକୁ ମିଳିଥିଲା। ଏଦିଗରେ ସଚେତନ କରିବା ପାଇଁ ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ର ପ୍ରକଳ୍ପ ମାଧ୍ୟମରେ ପ୍ରୟାସ କରିଥିଲେ। ସେହିପରି ବାୟୁ ପ୍ରଦୂଷଣ, ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସଚେତନତା, ବର୍ଷାଜଳ ଅମଳ, ଜଙ୍ଗଲ ସୁରକ୍ଷା, ବନୀକରଣ, ବୃକ୍ଷଛେଦନର ଅପକାରିତା, ସମାଜ ଉପରେ ପ୍ରଭାବ ଓ ଏହାର ନିରାକରଣ ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍କୁଲର ପୂର୍ବତନ ଛାତ୍ର ଅଜୟ କୁମାର ସୁଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଶିଶୁ ଭଗବାନଙ୍କ ଉପହାର। ବିଜ୍ଞାନମେଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଓ ବୈଷୟିକ ଜ୍ଞାନ ବୃଦ୍ଧି ପାଇବ। ପିଲାମାନେ ଛୋଟ ବୟସରୁ ହିଁ ବିଭିନ୍ନ ପ୍ରାକୃତିକ ସମସ୍ୟା ଓ ତା’ର ସମାଧାନ ସମ୍ପର୍କରେ ଜ୍ଞାନ ଅର୍ଜନ କରପାରିଛନ୍ତି ବୋଲି ସେ କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଡ. ରଶ୍ମୀରେଖା ସେନାପତି ଓ ସମ୍ପାଦକ ଏଫ୍. ସି. ନର୍ଥ ପ୍ରମୁଖ ଯୋଗଦେଇଥିଲେ।

# ଆଜି ଜାଗମରାରେ ଜମିବ ‘ପଥ ଉତ୍ସବ’

**ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)**

ରବିବାର ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବ ଭୁବନେଶ୍ୱର ମହାନଗର ନିଗମ ସାଉଥ-ୱେଷ୍ଟ ଜୋନ୍ ଅନ୍ତର୍ଗତ ଜାଗମରାଠାରେ ଅନୁଷ୍ଠିତ ହେବ। ଏଥର ପଥ ଉତ୍ସବରେ ଜଲୱା ଦେଖାଇବେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସତ୍ୟଜିତ୍। ଜାଗମରା ନୂଆ ରାସ୍ତାର ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ପବିତ୍ର ଗେଷ୍ଟ ହାଉସ୍ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ବ୍ୟାପୀ ରଙ୍ଗମଞ୍ଚ ଅନୁଷ୍ଠିତ ହେବ। ଏଥିରେ ସବୁବର୍ଗର, ସବୁ ବୟସର ପୁରୁଷ, ମହିଳା ଓ ଶିଶୁଙ୍କ ମନୋରଞ୍ଜନଠାରୁ ଆରମ୍ଭ କରି ଖେଳକୁଦ ପାଇଁ ବ୍ୟବସ୍ଥା କରାଯାଇଛି। ସଙ୍ଗୀତ ସହିତ ଜୟଦେବା ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟର ତାଳେତାଳେ ମତୁଆଲା ହେବେ ପଥ ଉତ୍ସବରେ ଅଂଶଗ୍ରହଣ କରିଥିବା ଭୁବନେଶ୍ୱରବାସୀ। ଏହା ସହିତ ରଙ୍ଗୋଲି, ଝୋଟି, ଫୋକ୍ ଡ୍ୟାନ୍ସ, ଯୋଗ, ସ୍କେଟିଂ, ପେଣ୍ଟିଂ, ଜୁମ୍ବା, ଫ୍ଲାସମବ୍ ଇତ୍ୟାଦି କାର୍ଯ୍ୟକ୍ରମ ସହ ଛୋଟ ପିଲାଙ୍କ ଖେଳକୁଦ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ଦ୍ୱିତୀୟ ମଞ୍ଚରେ ମଧ୍ୟ କଳାକାରମାନେ ସଙ୍ଗୀତ ଓ ନୃତ୍ୟର ଧୁମ୍ ମଚାଇବେ। ଦେଖଣାହାରୀଙ୍କ ପାଇଁ ସମ୍ବଲପୁରୀ ବାଦ୍ୟଯନ୍ତ୍ର ରହିଥିବାବେଳେ ସବୁଠାରୁ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବ ‘ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ’। ଗତ ପଥ ଉତ୍ସବରେ ଏହାର ଆକର୍ଷଣ ସହ ପ୍ରତିଯୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଏଥର ଦୁଇଟା ଷ୍ଟେଜ୍ କରାଯାଉଛି। ଏଥିରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନଙ୍କୁ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ ଏପରି ଉଦ୍ୟମ କରାଯାଉଛି। ଏହି ମଞ୍ଚରେ ପ୍ରତିଭାଧାରୀ ବ୍ୟକ୍ତିମାନେ ସଙ୍ଗୀତ, ନୃତ୍ୟ, ଯୋଗାସନ, ବାଦ୍ୟଯନ୍ତ୍ର, କବିତା, ଗଳ୍ପ ଆଦି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଲୋକମାନେ ଶୀତୁଆ ସକାଳରେ ବିଭିନ୍ନ ପ୍ରକାର ଖାଦ୍ୟର ମଜା ମଧ୍ୟ ନେଇପାରିବେ ବୋଲି ସୂଚନା ଦିଆଯାଇଛି।



ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ଶନିବାର ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମିଛି ଓ ଏଲ୍‌ଇଡି ଶୋ’ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆକର୍ଷଣ ସାଜିଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ସଡ଼କ ସୁରକ୍ଷା ଦିବସ



**ଭୁବନେଶ୍ୱର,୧୧।୧(ସୁଚିସ୍ମିତା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ଇଣ୍ଟରଆକ୍ଟ କ୍ଲବ, ଆଇଜିସିଏସ୍‌ଇ ଏବଂ ଆଇବିସିପିର ଛାତ୍ରୀଛାତ୍ରଙ୍କୁ ନେଇ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିପିସିଏଲ୍ ଫିଲିଙ୍ଗ୍ ଷ୍ଟେଶନ ସମ୍ମୁଖରେ ଶନିବାର ସଡକ ସୁରକ୍ଷା ଦିବସ ପାଳନ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଡକ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ଉପରେ ସଚେତନ କରାଇଥିଲେ। ଗାଡି ଚଲାଇବା ସମୟରେ ଟ୍ରାଫିକ ଓ ସଡ଼କ ସୁରକ୍ଷା ନିୟମର ଉଲ୍ଲଂଘନ କଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଯାନବାହନରେ ଷ୍ଟିକର ଲଗାଇବା ସହିତ ହେଲ୍‌ମେଟ୍ ପିନ୍ଧି ନ ଥିବା ଲୋକଙ୍କୁ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ଲାକାର୍ଡ ଜରିଆରେ ସଚେତନତାର ସହିତ ଡ୍ରାଇଭିଂ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର-୨ର ଆରଟିଓ ସନତ କୁମାର ଜେନା ଯୋଗଦେଇ ସଡକ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ୍‌ର ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମରେ ଛାତ୍ରୀଛାତ୍ର, ସ୍କୁଲ ଡ୍ରାଇଭର ଏବଂ ମାର୍ଶାଲଙ୍କ ମଧ୍ୟରେ ସଡକ ସୁରକ୍ଷା ଉପରେ ପାରସ୍ପରିକ ଆଲୋଚନା କରିଥିଲେ ।

# ଅରୁନ୍ଧତୀ ଜୁଏଲର୍ସ ଫେଷ୍ଟିଭ୍ ଧମାଲ ମେଗା ଲକି ଡ୍ର’

**ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)**




## ୩୫ ଲକ୍ଷପତି ମନୋନୀତ

ରାଜ୍ୟର ସର୍ବବୃହତ୍‌ତଥା ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର’- ୨୦୨୫ ଶନିବାର ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ୨୫ ବର୍ଷ ଧରି ହୋଇଆସୁଥିବା ଏହି କାର୍ଯ୍ୟକ୍ରମ ଲକ୍ଷପତି କୁପନଧାରୀ ଗ୍ରାହକଙ୍କ ମଧ୍ୟରୁ ୩୫ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ଲକ୍ଷପତି ମନୋନୀତ କରାଯାଇଛି। ଟାଉନ ହଲ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଲିଉଡ୍ ହିରୋଇନ ତଥା ଅରୁନ୍ଧତୀ ବ୍ରାଣ୍ଡ୍ ଆମ୍ବାସାଡର ଅର୍ଚ୍ଚିତା ମୁଖ୍ୟ ଆକର୍ଷଣ ସାଜିଥିଲେ। ଏହି ଅବସରରେ ଭୁବନେଶ୍ୱରର ସୁପ୍ରତିଷ୍ଠିତ ଜାଭେଦ୍ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଡ଼ିଶାର ସ୍ୱନାମଧନ୍ୟ ଗାୟିକା ନବ୍ୟାଙ୍କର ସୁମଧୁର ସଙ୍ଗୀତ ବେଶ୍ ଆକର୍ଷଣ ସାଜିଥିଲା। ବହୁସଂଖ୍ୟାରେ ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସୁପ୍ରସିଦ୍ଧ ଆଙ୍କର ଶୁଭମ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ମୂଳଦୁଆକୁ ସୁଦୃଢ଼ ଓ ପ୍ରଶସ୍ତକରି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅଫର ମାଧ୍ୟମରେ ଲକ୍ଷାଧିକ ଗ୍ରାହକ ଜଡ଼ିତ ହେବା ସହ ଏତେ ସଂଖ୍ୟକ ଗ୍ରାହକଙ୍କ ସମର୍ଥନ ଓ ସହଯୋଗ ଅରୁନ୍ଧତୀର ପ୍ରତିଟି କର୍ମକର୍ତ୍ତାଙ୍କ ମନରେ ବିପୁଳ ଉତ୍ସାହ ଓ ବିଶ୍ୱାସ ଭରିଦେଇଛି। ଓଡ଼ିଶାବାସୀଙ୍କ ପାଇଁ ସର୍ବଦା କିଛି ନୂତନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଅରୁନ୍ଧତୀ ଜୁଏଲର୍ସ ଆଗାମୀ ଦିନରେ ମଧ୍ୟ ଲକ୍ଷପତି ଓ ବିଦେଶ ଭ୍ରମଣ ସୁଯୋଗ ନେଇ ଆସୁଛି।

# ଶ୍ରେଷ୍ଠ ଶିକ୍ଷା, ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମଦିଏ

**ଭୁବନେଶ୍ୱର,୧୧।୧ (ଅନୁରାଧା ମହାରଣା)**

## ଓଡିଏମ୍‌ର ବାର୍ଷିକୋତ୍ସବ ‘ମାତୃତ୍ୱ’ ଉଦ୍‌ଯାପିତ

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ‘ମାତୃତ୍ୱ-୨୦୨୫’ ଉଦ୍‌ଯାପିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଲେ, ଶ୍ରେଷ୍ଠ ଶିକ୍ଷା, ପ୍ରଶିକ୍ଷଣ ଓ ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମଦିଏ। ତେଣୁ ଆତ୍ମବିଶ୍ୱାସ ସହ ନିରନ୍ତର ଚେଷ୍ଟା ଜାରି ରଖିଲେ ଶିକ୍ଷାର୍ଥୀ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ। ଶିକ୍ଷୟିତ୍ରୀଶିକ୍ଷକମାନେ ନୂଆ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗ ଦର୍ଶନ କରନ୍ତୁ। ମାତୃଭୂମି ଓ ମାତୃଭାଷାର ମୂଳଭିତ୍ତି ସମ୍ପର୍କରେ ସୂଚନା ଦେବା ସହ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପୌରାଣିକ ଉଦାହରଣ ମାଧ୍ୟମରେ ପିଲାଙ୍କ ମଧ୍ୟରେ ଗୁଣାତ୍ମକ ମୂଲ୍ୟବୋଧ ଜାଗ୍ରତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ନୂତନ ଶିକ୍ଷାନୀତି ସମ୍ପର୍କରେ ଅବଗତ କରାଇବା ସହ ସେବା, ସମର୍ପଣ, ସଂସ୍କାର ବିଦ୍ୟାର୍ଥୀମାନଙ୍କର ଜୀବନର ବ୍ରତ ହେଉ ବୋଲି କହିଥିଲେ । ପ୍ରତିଷ୍ଠାତା ଡ. ମୀନକେତନ ମାତାପିତାଙ୍କ ଉପଦେଶକୁ ଚିନ୍ତନ ଓ ମନନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ. ଦାସ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

**ସଂକ୍ଷେପରେ**

## କ୍ରିକେଟ ଟୁର୍ନାମେଣ୍ଟ: ଭଜଗୋବିନ୍ଦ ଇଲେଭେନ୍ ଟିମ୍ ଚାମ୍ପିୟନ

କଟକ ସଦର, ୧୧।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ଷଣ୍ଢ ବଜାର କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଗିରିଶ ଚନ୍ଦ୍ର ମହାନ୍ତି ସ୍ମାରକୀ ଷଣ୍ଢ ବଜାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚାର୍ଜ ଇଲେଭେନ୍ ଟିମ୍ ଓ ଭଜଗୋବିନ୍ଦ ଇଲେଭେନ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଭଜଗୋବିନ୍ଦ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିବସରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବେଣ୍ଟକାର ସରପଞ୍ଚ ଶିବଶଙ୍କର ମଲ୍ଲିକ, ସମିତି ସଭ୍ୟ ବିନୋଦ ବେହେରା ଯୋଗଦେଇଥିଲେ।

## ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

**ଛାତିରୋଗ ବାର୍ଷିକ ସମ୍ମିଳନୀ**

କଟକ, ୧୧।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ସ୍ନାତକୋତ୍ତର ଛାତିରୋଗ ବିଭାଗ ଓ ଓଡ଼ିଶା ଚେଷ୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ କଟକ ଚହଟାସ୍ଥିତ ଏକ ହୋଟେଲରେ ୨୧ତମ ଛାତିରୋଗ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତିରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡା. ଦିଗମ୍ବର ବେହେରା, ଅତିରିକ୍ତ ଡିଏମ୍‌ଇଟି ବ୍ରଜ ଦାସ, ପ୍ରଫେସର ଉମା ଶତପଥୀ, ପ୍ରଫେସର ବନାନୀ ଜେନା ଯୋଗଦେଇଥିଲେ। କୋଭିଡ୍ ମହାମାରୀ ପରଠୁ ଶ୍ୱାସଜନିତ ରୋଗ ଲକ୍ଷଣ ଅଧିକ ଦେଖାଦେଉଛି। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ପଟେଲ ଚେଷ୍ଟ ଇନ୍‌ଷ୍ଟିଚ୍ୟୁଶନ ପଲମୋନାରି ରିହାବିଲିଟେଶନ ଓ ହାଇଦ୍ରାବାଦ ଯଶୋଦା ହସ୍ପିଟାଲର ଡା. ହରି କିଷନ ସହଯୋଗ କରିଥିଲେ। ସୋସାଇଟିର ଚେୟାରମ୍ୟାନ ପ୍ରଫେସର ଡା. ଜ୍ୟୋତି ପଟ୍ଟନାୟକ, ଡା. ଶ୍ୱେତପଦ୍ମା ପ୍ରଧାନ, ଡା. ସୋନାଲି ଦାଶ, ଡା. ସ୍ମୃତି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ବାହାରର ଛାତି ରୋଗ ବିଶେଷଜ୍ଞ ଯୋଗଦେଇଥିଲେ।

# ପଥର ଫିଙ୍ଗାରୁ ଗୋଷ୍ଠୀ ସଂଘର୍ଷ

■ଘଟଣାସ୍ଥଳରେ ପୋଲିସ ମୁତୟନ
■ଥାନାରେ ୧୦ ଅଟକ

ବାଙ୍କୀ, ୧୧।୧ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଭଗିପୁର ଗ୍ରାମରେ ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ଦୁଇ ଜଣ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେଠାରେ ଜଗିରହିଛି।

ଶୁକ୍ରବାର ରାତିରେ ଭଗିପୁର ଗ୍ରାମ ଶବର ସାହିର କେତେଜଣ ଯୁବକ ନିଶାସକ୍ତ ଅବସ୍ଥାରେ ବାଙ୍କୀ-କଟକ ମୁଖ୍ୟ ରାସ୍ତାରେ ଯାଉଥିବାବେଳେ ଛୋଟ ବଡ଼ ଯାନବାହନ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଏହି ସମୟରେ ଗ୍ରାମର ଯୁବକ ରାକେଶ ଜେନା ବାଇକ୍‌ରେ ଯାଉଥିବାବେଳେ ଗୋଟିଏ ପଥର ଆସି ତାଙ୍କ ଗାଡ଼ିରେ ମାଡ଼ ହୋଇଥିଲା। ଏନେଇ ରାକେଶ ସାଙ୍ଗରେ ମଳୟ ସାହୁ ଓ ବାବୁନା ସାହୁଙ୍କୁ ଧରି ଶବର ସାହିରେ ପହଞ୍ଚି ପଚରାଉଚରା କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହାପରେ ରାକେଶଙ୍କୁ ଛାଡ଼ିଦେଇ ସାଙ୍ଗରେ ଯାଇଥିବା ମଳୟ ଓ ବାବୁନାଙ୍କୁ ଶବର ସାହିର କେତେଜଣ ଲୋକେ ଅଟକ ରଖିଥିଲେ। ଖବରପାଇ ଭଗିପୁର ଗାଁରେ ରାକେଶ ରହୁଥିବା ସାହିର ଲୋକେ ପହଞ୍ଚି ବୁଝାଶୁଝା କରି ମଳୟ ଓ ବାବୁନାଙ୍କୁ ଆଣିଥିଲେ। ଶୁକ୍ରବାର ରାତି ଘଟଣାକୁ ଶନିବାର ଉଗ୍ରରୂପ ଧାରଣ କରିଥିଲା।

ସକାଳ ପ୍ରାୟ ୧୦ଟା ସମୟରେ ଭଗିପୁର ଶବର ସାହି ଓ ରାକେଶ ରହୁଥିବା ସାହିର ଲୋକଙ୍କ ମଧ୍ୟରେ ପୁନର୍ବାର ଗଣ୍ଡଗୋଳ ଘଟି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଢେଲାପଥର ଓ କାଚ ବୋତଲ ଆଦି ମାଡ଼ କରିବା ସହ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ବାଙ୍କୀ-କଟକ ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ପ୍ରଥମେ କଇଁମୁଣ୍ଡି ଫାଣ୍ଡି ଅଧିକାରୀ ପ୍ରଦୀପ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ବାଙ୍କୀ ଥାନାକୁ ଖବର ଦେଇଥିଲେ। ଏହାପରେ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଗଣ୍ଡଗୋଳ ସ୍ଥଳରେ ପହଞ୍ଚି ଥିଲେ। ପରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସଦଳବଳ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀର ଲୋକେ ଛତ୍ର ଭଙ୍ଗ ଦେଇଥିଲେ। ଏହି ଗୋଷ୍ଠୀ ବିବାଦରେ ନାଲୁ ପ୍ରକାଶ ଜେନା (୩୨) ଓ ପୀତବାସ ଦେହୁରୀ (୫୦) ଆହତ ହୋଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୧୧/୨୫ ଓ ୧୨/୨୫) ରୁଜୁ କରି ୧୦ ଜଣଙ୍କୁ ଥାନାରେ ଅଟକ ରଖିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଭୂୟାଁ କହିଛନ୍ତି।


ଉଭୟ ଗୋଷ୍ଠୀ ପରସ୍ପରକୁ ଢ଼େଲାପଥର ମାଡ଼ କରୁଛନ୍ତି।

# ରେଭେନ୍‌ଶାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ


କଟକ ଓଏମ୍‌ପି ଛକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା**

କଟକ, ୧୧।୧ (କାର୍ତ୍ତିକ ସାହୁ)

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍ ଉଷା) ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାର ଐତିହାସିକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଶୈକ୍ଷିକ ଓ ଭିତ୍ତିଭୂମିର ବିକାଶ ପାଇଁ ୧୦୦ କୋଟିର ଅନୁଦାନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇ ରେଭେନ୍‌ଶା ପାଇଁ ଏଭଳି ଅନୁଦାନ ଯୋଗାଇ ଦେଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଶନିବାର ସନ୍ଧ୍ୟାରେ କଟକ ଓଏମ୍‌ପି ଛକଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ପୁରାତନ ଛାତ୍ର ନେତା ତଥା ରେଭେନ୍‌ଶାର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତି ଓ ଜ୍ୟୋତି ରଞ୍ଜନ ରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ତୁଷାର କାନ୍ତି, କର୍ପୋରେଟର ଗଗନ ଓଝା, ବରିଷ୍ଠ ନେତା ଶରତ ସାମଲ, ପୁରାତନ ଛାତ୍ରନେତା ବିକାଶ ଦାସ, ଗୟାଧର ମହାନ୍ତି, ଶ୍ରମିକ ନେତା ପ୍ରକାଶ ଦାସ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରେଭେନ୍‌ଶାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଅନୁରୋଧ କରିଥିଲେ ।



କଟକ ସାରଳା ଭବନରେ ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ୨୪ତମ ବାରବାଟୀ ନୃତ୍ୟ ଉତ୍ସବ ଶନିବାର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ବାରବାଟୀ ନୃତ୍ୟୋତ୍ସବ ଉଦ୍‌ଘାଟିତ

କଟକ, ୧୧।୧ (କାର୍ତ୍ତିକ ସାହୁ)

ଓଡ଼ିଶୀ ନୃତ୍ୟମଣ୍ଡଳ ପକ୍ଷରୁ ୨୪ତମ ବାରବାଟୀ ନୃତ୍ୟୋତ୍ସବ କଟକ ସାରଳା ଭବନରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ରିୟାଯୋଗର ପରମ ଉଦ୍‌ଗାତା ପରମହଂସ ପ୍ରଜ୍ଞାନାନନ୍ଦ ଜୀ ଉତ୍ସବକୁ ଉଦ୍‌ଘାଟନ କରି ନୃତ୍ୟ ଏକ ଯୋଗ ଏବଂ ପରମ ସେବା ଯାହା ବୈଷ୍ଣବ ଧର୍ମକୁ ପ୍ରତିପାଦିତ କରେ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟମଣ୍ଡଳ ଦ୍ୱାରା ପ୍ରସ୍ତୁତ ନୃତ୍ୟ ବାଲେ ଶ୍ରୀଚୈତନ୍ୟ ଅତ୍ୟନ୍ତ ଚମତ୍କାର ହୋଇଥିଲା। ଗୀତିକାର ଅଲେଖ ଚନ୍ଦ୍ର ବିଶ୍ୱାଳଙ୍କ ରଚନା, ଗୁରୁ ଅଖିଳ କୁମାର ଲେଙ୍କାଙ୍କ ସଙ୍ଗୀତ ଏବଂ ନୃତ୍ୟଗୁରୁ ଆଶିଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ସସ୍ମିତା ପଣ୍ଡା ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଡ. ପ୍ରଭାକର ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ଶରତ କୁମାର ଦାସ, ଡ. ସ୍ନେହପ୍ରଭା ସାମନ୍ତରାୟ, ବ୍ରଜକିଶୋର ନନ୍ଦ ଓ ପ୍ରିୟବ୍ରତ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବିପତ୍ର

**ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଚୋରି ଘଟଣା**

କଟକ, ୧୧।୧ (ଶିଳ୍ପା ପ୍ରିୟଦର୍ଶିନୀ)

ମଧୁପାଟଣା ଥାନା ଅଞ୍ଚଳର ପଞ୍ଚମୁଖୀ ହନୁମାନ ମନ୍ଦିରରୁ କିଛିଦିନ ତଳେ ଅଳଙ୍କାର ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ କଟକ ସଦର ବ୍ଲକ କଂଗ୍ରେସ ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଡିସିପିଙ୍କ ଉଦ୍ଦେଶ୍ୟରେ ମଧୁପାଟଣା ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାତିରେ ପାଟ୍ରୋଲିଂ କଡ଼ାକଡି କରିବା, ପ୍ରମୁଖ ସ୍ଥାନରେ ଥିବା ଅଚଳ ସିସିଟିଭିକୁ ସଚଳ କରିବା, ଥାନାଗୁଡ଼ିକରେ ମାନବ ସମ୍ବଳ ବୃଦ୍ଧି ସହ ଅଧିକ ପିସିଆର୍ ଭ୍ୟାନ୍ ନିୟୋଜିତ କରିବା, ପ୍ରତି ଦୁଇମାସରେ ପୋଲିସ-ପବ୍ଲିକ୍ ଜନସମ୍ପର୍କ କାର୍ଯ୍ୟକ୍ରମ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ଦାବିପତ୍ର ଗ୍ରହଣ କରି କହିଛନ୍ତି, ଏ ସମ୍ପର୍କରେ ଡିସିପିଙ୍କୁ ଅବଗତ କରାଯିବ। ଏଥିସହ ପଞ୍ଚମୁଖୀ ହନୁମାନ ମନ୍ଦିର ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଦାବିପତ୍ର ପ୍ରଦାନବେଳେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଟକ ନଗର(ଜିଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ପ୍ରିୟଜିତ୍ ରାୟ, ସନ୍ତୋଷ ବିଶ୍ୱାଳ, ରଜନୀ ବସ୍ତିଆ, ସୀତାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦାଦା, ପୁତୁରାଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ସାଲେପୁର, ୧୧।୧ (ଅରବିନ୍ଦ ଭୂୟାଁ)

ଦାଦା, ପୁତୁରାଙ୍କୁ କଟୁରିରେ ଆକ୍ରମଣ କରି ଗୁରୁତର କରିବା ଅଭିଯୋଗରେ ଶନିବାର ସାଲେପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ନାରାୟଣ ସାମଲ। ସାଲେପୁର ଥାନା ଅନ୍ତର୍ଗତ ବାରିଗୋଳ ଗ୍ରାମର ସୁରେଶ ଚନ୍ଦ୍ର ସାମଲ(୪୫) ନିଜର ନଳକୂପ ପାଣିକୁ ରାସ୍ତାପାର୍ଶ୍ୱରେ ନିର୍ମାଣ ହେଉଥିବା ସରକାରୀ ଡ୍ରେନ୍‌କୁ ଛାଡୁଥିବା ସମୟରେ ନାରାୟଣ ଏହାକୁ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ନାରାୟଣ ଘରୁ ଏକ କଟୁରି ଆଣି ସୁରେଶଙ୍କୁ ଆକ୍ରମଣ କରିଥିଲେ। ସୁରେଶଙ୍କ ଦାଦା ମାୟାଧର ଏହାଦେଖି ପ୍ରତିରୋଧ କରିବାରୁ ନାରାୟଣ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ସାଲେପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୧୦/୨୫) ରୁଜୁ କରିଛି।

## ଲୋଲା ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଫୁଲନଖରା, ୧୧।୧ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗାସ୍ଥିତ ଲୋଲା ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ 'ଉଡାଣ' ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଜନଶକ୍ତି ରିଅଲକନ୍‌ର ପରିଚାଳନା ନିର୍ଦ୍ଦେଶକ ବିଭୂତି ବିହାରୀ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷାବିକାଶ ପରିଷଦର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ, ଓଡ଼ିଶା ଦୂତ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜ ଧର, ସିଆର୍‌ସିସି ମାଧବାନନ୍ଦ ଦାସ, ସାମାଜିକ କର୍ମୀ ବିଦ୍ୟୁତ୍ ଚରଣ ମହାନ୍ତି, ଲୋଲା ଇଣ୍ଟରନ୍ୟାଶନାଲ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ପ୍ରତିମା ପଣ୍ଡା, ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ବିଭୂତି ଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ସିଆର୍‌ପିଙ୍କ ଆଭ୍ୟନ୍ତରୀଣ ସମୀକ୍ଷା ପ୍ରଶିକ୍ଷଣ ଶିବିର**

ଟିଗିରିଆ, ୧୧।୧ (ଜାଫର ଖାଁ): ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା (ସିଆରପି)ଙ୍କ ଦିନିକିଆ ଆଭ୍ୟନ୍ତରୀଣ ସମୀକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ ବ୍ଲକ ବିପିଏମ୍ ପ୍ରଦୀପ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବଡ଼ମ୍ବା ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷିକା ସ୍ୱର୍ଣ୍ଣଲତା ଲେଙ୍କା ଉପସ୍ଥିତ ରହି ସିଆରପିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଟିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ଉପସ୍ଥିତ ଥିବାବେଳେ ବିଏଲ୍‌ସି ମଞ୍ଜୁଳା ସାମଲ, ବିଶ୍ୱଜିତ ସାହୁ, ଧର୍ମରାଜ ଜେନା ସହଯୋଗ କରିଥିଲେ।

# 'ଅସ୍ମିତାର ଉତ୍‌ଥାନରେ ଦେଶର ବିକାଶ ସମ୍ଭବ'

**ରେଭେନ୍‌ଶାରେ ନେତାଜୀ ସ୍ମାରକୀ ବ୍ୟାଖ୍ୟାନ**

କଟକ, ୧୧।୧ (କାର୍ତ୍ତିକ ସାହୁ)

ଅତୀତର ଗୌରବ ସହ ଦେଶର ଅସ୍ମିତା ଯୋଡ଼ି ହୋଇ ରହିଛି। ଅସ୍ମିତାର ଉତ୍‌ଥାନରେ ଦେଶର ବିକାଶ ସମ୍ଭବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରି କ୍ରାନ୍ତିକାରୀମାନଙ୍କ ପାଇଁ ଦେଶ ଗର୍ବିତ ବୋଲି ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ସର୍ବଭାରତୀୟ ସଙ୍ଗଠନ ସମ୍ପାଦକ ଗୋଲକ ବିହାରୀ ରାୟ କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମଠାରେ ନେତାଜୀ ସ୍ମାରକୀ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରାୟ ଯୋଗଦେଇ କହିଛନ୍ତି, ଭାରତ ବିଶ୍ୱର ସମସ୍ତ ନାଗରିକଙ୍କ ସୁରକ୍ଷା ପାଇଁ ବସୁଧୈବ କୁଟୁମ୍ବକମ୍‌ର ବିଚାର ଓ ସାହାଯ୍ୟ ବାଣ୍ଟି ଚାଲିଛି। ଏହାଦ୍ୱାରା ଭାରତର ଗରିମା ବୃଦ୍ଧି ପାଇଛି। ସମ୍ମାନିତ ଅତିଥି ନେତାଜୀ ପୁସ୍ତକର ଏକମାତ୍ର ଓଡ଼ିଆ ଲେଖକ ରାଜା ପରିଜା କହିଛନ୍ତି, ନେତାଜୀଙ୍କ ବାଲ୍ୟଶିକ୍ଷା କଟକରେ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭାରତୀୟ ପ୍ରବାସୀ ଦିବସ ପରିପ୍ରେକ୍ଷୀରେ ତଥା ନେତାଜୀଙ୍କ ଜନ୍ମ ମାସ ପାଳନ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଏବଂ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ କଟକର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପ୍ରଫେସର ଡ. ଶିବବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ଡ. ମାନଭଞ୍ଜନ କହଁର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବି. ସି. ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ।


କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ପ୍ରବାସୀ ଭାରତୀୟ।

# ପୁରୁଣା କାମରେ ନୂଆ ଫଳକ: ସନ୍ଦେହ ପରେ ଉଭାନ

■ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୧୩ରେ ନିର୍ମାଣ ହୋଇଥିଲା
■୨୦୧୮ରୁ ରକ୍ଷଣାବେକ୍ଷଣ ଅବଧି ସରିଛି

ନିଶ୍ଚିନ୍ତକୋଇଲି, ୧୧।୧ (ଅଶୋକ କୁମାର ମହାପାତ୍ର)

ସରକାରୀ ଦପ୍ତରଠାରୁ ଆରମ୍ଭ କରି ରାସ୍ତାଘାଟ ପର୍ଯ୍ୟନ୍ତ ସବୁଠି ଏବେ ରଙ୍ଗମରା ଅଭିଯାନ ଆରମ୍ଭ ହୋଇଛି। ପୁରୁଣା କାମରେ ରଙ୍ଗମାରି ସରକାର ବାହାବା ନେଉଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦିପାଦେ ଆଗକୁ ଯାଇ ୨୦୧୩-୧୪ରେ ହୋଇଥିବା କାମରେ ନୂଆ ଫଳକ ଲଗାଇଥିଲା। ସକାଳେ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଫଳକ ମରାଗଲା ପରେ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରିଥିଲେ। ଏହାପରେ ସନ୍ଧ୍ୟାବେଳକୁ ପୋତାହୋଇଥିବା ନୂଆଫଳକ ଉଭାନ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏଭଳି ବିଚିତ୍ର ନୀତି ସ୍ଥାନୀୟ ଜନ ସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। କଟକ ଜିଲା ମାହାଙ୍ଗା ବ୍ଲକ ସମସରପୁର ପଞ୍ଚାୟତ ଅନ୍ତର୍ଗତ ଭୋଳିଦାସପୁର ଛକ ନିକଟରେ ଏହି ଘଟଣା ଦେଖିବାକୁ ମିଳିଛି।

୨୦୧୩ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଇଚ୍ଛାପୁର (ପ୍ୟାକେଜ ନଂ ଓଆର-୭ . ୧୬୯)ପର୍ଯ୍ୟନ୍ତ ୭.୫ କିମି ନିର୍ମାଣ ପାଇଁ ୪୫୪.୮୮ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ପରେ ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୨୨.୭୨ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି କାମ ୧ ମାର୍ଚ୍ଚ ୨୦୧୩ରୁ ଆରମ୍ଭ ହୋଇ ୩୧ ଜାନୁଆରୀ ୨୦୧୪ରେ ଶେଷ ହୋଇଛି। ସେହିପରି ରକ୍ଷଣାବେକ୍ଷଣ କାର୍ଯ୍ୟ ୧ ଫେବୃଆରୀ ୨୦୧୪ରେ ଆରମ୍ଭ ହୋଇ ୩୧ ଜାନୁଆରୀ ୨୦୧୮ରେ ଶେଷ ହୋଇଛି। ଏହି କାର୍ଯ୍ୟ କରିଥିବା ଠିକାସଂସ୍ଥା କାମ ୧୨ ବର୍ଷ ତଳୁ ଶେଷ ହୋଇଥିବା ବେଳେ ରକ୍ଷାଣାବେକ୍ଷଣ ଅବଧି ମଧ୍ୟ ସରିଛି। ତେବେ ଶୁକ୍ରବାର ସକାଳେ ଭୋଳିଦାସପୁର ଛକ ନିକଟରେ ୪ଟି ନୂଆ ଫଳକ ପୋତା ଯାଇଥିଲା। ପୁରୁଣା ସୂଚନା ଥାଇ ନୂଆ ଫଳକ ମରାଯାଇଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ସହ ଫଟୋ ଉତ୍ତୋଳନ କରିଥିଲେ। କିଛି ସମୟ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇ, କନିଷ୍ଠ ଯନ୍ତ୍ରୀ ବିଜୟ ସାହୁଙ୍କ ସମେତ ଜଣେ ବରିଷ୍ଠ ଅଧିକାରୀ ପୁରୁଣା କାମର ନୂଆ ଫଳକକୁ ଫଟୋ ଉତ୍ତୋଳନ କରିବା ସହ ରାସ୍ତାର ବିଭିନ୍ନ ସ୍ଥାନ ଦେଖି ରାସ୍ତାର ମାନ ପରଖିଥିଲେ। ଏହାପରେ ଗଣାମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଫଟୋ ଉତ୍ତୋଳନ କରିବାରୁ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରୁ ଛାଡି ପଳାଇଯାଇଥିଲେ। ସନ୍ଧ୍ୟାବେଳେ ଉକ୍ତ ସ୍ଥାନରେ ଆଉ ଫଳକ ଦେଖିବାକୁ ମିଳି ନ ଥିଲା।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରେ କେହି ଫୋନ ଉଠାଇ ନଥିଲେ। ଅଧୀକ୍ଷଣ ଯନ୍ତ୍ରୀ ସୋନାଲି ନନ୍ଦ କୁହନ୍ତି, ପୁରୁଣା କାମ ଏଟିଆର(ଆକ୍ସନ ଟେକେନ ରିପୋର୍ଟ) ଦିଆଯାଇ ନ ଥିଲା। ଏବେ ଫଳକ ଚୋରି ହୋଇଯାଇଥିବାରୁ ଠିକାଦାର ନୂଆ ଫଳକ ଲଗାଇବା ପରେ ଏଟିଆର ଦିଆଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


ଶୁକ୍ରବାର ସକାଳେ ଲଗାଯାଇଥିବା ସୂଚନା ଫଳକ।

## ସ୍କୁଟି, ଦେଶୀମଦ ଜବତ:୨ ଗିରଫ

**ବାଣପୁର (ଦିଲୀପ କୁମାର ସ୍ୱାଇଁ):** ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ବାଣପୁରର ବଡ଼ହନ୍ତୁଆଡ଼ ଏବଂ ଭୀମପୁର ଗ୍ରାମରେ ଶନିବାର ଚଢ଼ାଉ କରାଯାଇ ୨ ଦେଶୀମଦ ବେପାରୀଙ୍କୁ ଗିରଫ କରାଯାଇଛି। ଭୀମପୁର ଗ୍ରାମର ପ୍ରଶାନ୍ତ ସେନାପତି ଏକ ସ୍କୁଟିରେ ମଦ ଚାଲାଣ କରୁଥିବା ବେଳେ ଅବକାରୀ ଅଧିକାରୀମାନେ ତାଙ୍କୁ ଗିରଫ କରିବା ସହ ୫୨୦ ଲିଟର ମଦ, ସ୍କୁଟି, ୨୨ ହଜାର ୮ଶହ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରିଥିଲେ। ସେହିପରି ବଡ଼ହନ୍ତୁଆଡ଼ ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସ୍କୁଟି, ଦେଶୀମଦ ଏବଂ ମୋବାଇଲ ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଗଞ୍ଜେଇ ବୋଝେଇ କାର୍ ଜବତ, ୩ ଗିରଫ



**ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ନିକଟରୁ ଅବକାରୀ ପୋଲିସ ଚଢ଼ାଉ କରି ୫୦ କେଜି ଗଞ୍ଜେଇ ସହ ଏକ କାର୍ ଜବତ କରିଛି। ଏହି ଘଟଣାରେ ଅବକାରୀ ଟିମ୍ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା କରଣାପଲୀର ସପନ କାମିଲା(୩୪), ବିଦେଇପୁରର ପ୍ରଦୀପ ମାଇତି(୨୩) ଏବଂ ଶଙ୍କର୍ଷଣପୁରର ଅଭିଜିତ୍ ମଣ୍ଡଳ (୩୭)। ସୂଚନା ମୁତାବକ, ଫୁଲବାଣୀରୁ ଭଦ୍ରକ ଅଭିମୁଖେ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ଏକ ଟିମ୍ ସେମାନଙ୍କୁ ଧରିବା ଲାଗି ୫୭ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛପି ରହିଥିଲା। ଜାଗୁଲେଇପାଟଣା ଛକ ନିକଟରେ ଏକ କାର୍(ଓଡି ୦୫ଏନ୍ ୮୯୯୦) ଉପରେ ସନ୍ଦେହ ହେବାରୁ ଗାଡ଼ିକୁ ଅଟକାଇ ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହାପରେ ଟିମ୍ ଗଞ୍ଜେଇ ଜବତ କରିବା ସହ ଉପରୋକ୍ତ ୩ ଜଣଙ୍କୁ ଗିରଫ କରିଥିଲା।

### ଧାନମଣ୍ଡି ଉଦ୍‌ଘାଟିତ

**ବେଗୁନିଆ,୧୧।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ଭୁଜବଳଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଅରବିନ୍ଦ ରାୟ, ମମତା ବେଉରା, ସମିତିସଭ୍ୟା ଅଞ୍ଜଳି ସାହୁ, ଦାଶରଥି ନରେନ୍ଦ୍ର, ରୂପକାନ୍ତି ସାହୁ, ବେଗୁନିଆ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଶୁଭାଶିଷ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଧାନମଣ୍ଡିକୁ ସୁଚାରୁଭାବେ ତୁଲାଇବା ସହ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ମତବ୍ୟକ୍ତ କରିଥିଲେ। ସେବା ସମବାୟ ସମିତିର ସମ୍ପାଦକ ମାନସ ରଞ୍ଜନ ରଣସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ତାପସ କୁମାର ଆଚାର୍ଯ୍ୟ ସହଯୋଗ କରିଥିଲେ। ଶ୍ରୀଗଣେଶ ରାଇସ୍ ମିଲ୍ ରମ୍ଭାବିଲ ଧାନ କିଣିବା ପାଇଁ ଚୁକ୍ତିବଦ୍ଧ ହୋଇଥିବାବେଳେ ଚାଷୀଙ୍କଠାରୁ ୨୫୦ କୁଇଣ୍ଟାଲ ଧାନ କିଣାଯାଇଥିଲା।

### ଧଉଳିମୁହଁ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ନିରାକାରପୁର,୧୧।୧(ମାନସ ଚନ୍ଦ୍ର ପଟ୍ଟନାୟକ):**

ଖୋର୍ଦ୍ଧା ଧଉଳିମୁହଁ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜଙ୍କିଆ ରାଜସ୍ୱ ନିରୀକ୍ଷକ ରୋଶନ ଦଳାଇ, ଧଉଳିମୁହଁ ସରପଞ୍ଚ ଶତ୍ରୁଘ୍ନ ବେହେରା, ଧଉଳିମୁହଁ ସେବା ସମବାୟ ସମିତି ସଭାପତି ସୌଭାଗ୍ୟ ରଞ୍ଜନ ରାୟସିଂହ, ସମ୍ପାଦକ କାଶୀନାଥ ମିଶ୍ର, ମିଲ୍‌ର କର୍ମକର୍ତ୍ତା ଏବଂ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଉପସ୍ଥିତିରେ ଧାନ ବିକ୍ରି ଉପରେ ଆଲୋଚନା ହୋଇ ପରେ ମଣ୍ଡି ଉଦ୍‌ଘାଟନ ହୋଇଥିଲା। ରାଜ୍ୟ ସରକାର ଧାନକ୍ରୟ ଉପରେ କୁଇଣ୍ଟାଲ ପ୍ରତି ଅଧିକ ୮୦୦ ଟଙ୍କା ପ୍ରୋତ୍ସାହନ ରାଶି ଚାଷୀଙ୍କୁ ଦେବା ପାଇଁ ଘୋଷଣା କରିଥିବାରୁ ସଭାରେ ଚାଷୀମାନେ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

### ଦେଶୀମଦ ଜବତ, ୯ ଗିରଫ

**ବେଗୁନିଆ,୧୧।୧(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ରେଞ୍ଜ୍ ଅବକାରୀ ବିଭାଗ ଏବଂ ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୫୨ ଲିଟର ଦେଶୀମଦ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୯ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଖୋର୍ଦ୍ଧା ଜିଲା ସଦର ରେଞ୍ଜ୍ ଅବକାରୀ ଥାନା ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନାର କର୍ମଚାରୀଙ୍କ ସହଯୋଗରେ ଗୋବିନ୍ଦପୁର, ବଡ଼ବେରଣା, ଗଡ଼ମାଣତୀର, ସାନପଦର ଏବଂ ଏକଡ଼ାଳିଆ ଗ୍ରାମରେ ଚଢ଼ାଉ କରାଯାଇଥିଲା।

# 'ଆଇନଜୀବୀଙ୍କ ସଫଳତାର ମନ୍ତ୍ର ୫ ସଦାଚାର'

**ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)**

### ଖୋର୍ଦ୍ଧା ଜିଲା ଓକିଲ ସଂଘର ୨୯ତମ ବାର୍ଷିକୋତ୍ସବ ଉଦ୍‌ଯାପିତ



ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସଫଳ ଆଇନଜୀବୀ ହେବା ପାଇଁ ୫ ସଦାଚାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରଥମ ହେଲା ହାରିବା ଶିଖନ୍ତୁ। କେସ୍‌ରେ ହାରିଲେ କାରଣ ଖୋଜନ୍ତୁ, ଉପର କୋର୍ଟକୁ ଯିବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ଦ୍ୱିତୀୟ ଆଇନ ଏକ ବ୍ୟବସାୟ କିମ୍ବା ପେସା ପାର୍ଥକ୍ୟ ଜାଣନ୍ତୁ। ବ୍ୟବସାୟୀ ବେପାର ଲାଭ ଦେଖିଥାଏ। ଆଇନଜୀବୀ କେସ୍ ପରିଚାଳନା ପାଇଁ ପାରିଶ୍ରମିକ ନେଇଥାଏ। ତୃତୀୟ ହେଲା ସଚ୍ଚୋଟତା। ମହକିଲଙ୍କୁ ସତକଥା କୁହନ୍ତୁ। କେସ୍‌ର ପୁନଃ ତାରିଖ କେବେ ଆସିବ ସେ ସଂକ୍ରାନ୍ତରେ ସ୍ୱଷ୍ଟତା ରଖନ୍ତୁ। ଚତୁର୍ଥ ଆଚରଣରେ ପରିବର୍ତ୍ତନ ଆଣନ୍ତୁ। କେବେ ବି କେସ୍ ପରିଚାଳନା ସମୟରେ କୋର୍ଟକୁ ଭୁଲ୍ ବାଟରେ ନିଅନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ପ୍ରତି ବିଚାରପତିଙ୍କ ନକାରାତ୍ମକ ଭାବ ଜାତ ହେବ। ଆଇନଜୀବୀ ଏବଂ ବିଚାରପତି ନ୍ୟାୟ ବିଭାଗ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଅନ୍ୟାୟର ପ୍ରତିରୋଧ ନ୍ୟାୟ ମାଧ୍ୟମରେ କର। ପଞ୍ଚମ ଜାଣିଲେ ଜିଣିବ ଅର୍ଥାତ୍ କେସ୍‌କୁ ଭଲଭାବେ ଅନୁଧ୍ୟାନ କଲେ ଜିଣିପାରିବ। ଶିଖିବା ମନୋବୃତ୍ତି ରଖିଲେ ସଫଳ ହୋଇପାରିବ ବୋଲି ଖୋର୍ଦ୍ଧା ଜିଲା ଓକିଲ ସଂଘର ୨୯ତମ ବାର୍ଷିକୋତ୍ସବ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଏହା କହିଛନ୍ତି।

ସେ ଆହୁରି କହିଥିଲେ, ଯୁବ ଆଇନଜୀବୀମାନେ ବରିଷ୍ଠଙ୍କୁ ଅନୁକରଣ କର। ଜିଜ୍ଞାସା ମନୋଭାବ ସହ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। କେହି ତୁମକୁ ଶିକ୍ଷା ଦେବେନାହିଁ, ତୁମମାନଙ୍କୁ ଶିଖିବାକୁ ପଡ଼ିବ। କୋର୍ଟରେ ବିଚାରପତିଙ୍କ ଆଗରେ କ'ଣ ନ କହିବେ, ତାହା ଜାଣିଲେ ଭବିଷ୍ୟତରେ ଜଣେ ସଫଳ ଆଇନଜୀବୀ ହୋଇପାରିବ। ସେହିଭଳି ଯୁବ ବିଚାରପତିମାନଙ୍କୁ ଆଇନ ସମ୍ପର୍କରେ ଅଧିକ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଲେ, ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। ଏ ମାଟି କେବେ ବି ପଛଘୁଞ୍ଚା ଦେଇନି। ବୀରତ୍ୱର ସହ ଲଢ଼େଇ କରିଛି। ବକ୍ସିଙ୍କ ନେତୃତ୍ୱରେ ଯେଉଁ ଗଣସଂଗ୍ରାମ ହୋଇଥିଲା ତାହା ଇତିହାସ ରଚିଥିଲା। ଜୟୀ, ବକ୍ସି ଜାଣିଥିଲେ ବ୍ରିଟିଶ୍ ସାଥିରେ ଲଢ଼ିବା ସମ୍ଭବ ନୁହଁ, ତଥାପି ଜିଣିବା, ହାରିବା ନୁହଁ ବରଂ ସଶସ୍ତ୍ର ସଂଗ୍ରାମର ପ୍ରୟାସ କରିଥିଲେ, ଯାହାଲାଗି ଏ ମାଟି ଆଜି ନମସ୍ୟ, ବନ୍ଦନୀୟ ହୋଇଛି। କଠିନ ପରିଶ୍ରମ, ନିରନ୍ତର ପ୍ରୟାସ କଲେ ଜଣେ ସଫଳ ଆଇନଜୀବୀ ହେବାର ଗୌରବ ହାସଲ କରିପାରିବ ବୋଲି କହିଥିଲେ। ଏହି ଅବସରରେ ବିଚାରପତି ମିଶ୍ର ନିଜ ଦ୍ୱାରା ରଚିତ ପାଇକବିଦ୍ରୋହ ପୁସ୍ତକ ଖୋର୍ଦ୍ଧା ଓକିଲ ସଂଘକୁ ପ୍ରଦାନ କରିଥିଲେ। ଏଥିସହ ସଂଘ ପକ୍ଷରୁ ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ସଭାପତିତ୍ୱ ଭାଷଣରେ ଖୋର୍ଦ୍ଧା ଜିଲାର ଐତିହାସିକ ପୃଷ୍ଠଭୂମି ଇତିହାସ ଏବଂ ସଂଘ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସମ୍ପାଦକ ପ୍ରଭଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍‌ଯାପନୀ ଦିବସରେ ଆଡ୍‌ଭୋକେଟ୍ କ୍ଲର୍କସ୍ ଆସୋସିଏଶନ ଖୋର୍ଦ୍ଧା ପକ୍ଷରୁ ସାମାଜିକ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ପରିବେଷିତ ହୋଇଥିଲା। ବାବି ହରିଚନ୍ଦନ ନିର୍ଦ୍ଦେଶନା ଏବଂ ଅଶୋକ ମହାରଥି ସହନିର୍ଦ୍ଦେଶନା ଦେଇଥିଲେ।

# ରାସ୍ତା ଅବରୋଧକୁ ବିରୋଧ



**ଜଟଣୀ,୧୧।୧(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେଲ୍‌ୱେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନହଲ୍ ସମ୍ମୁଖ ଜେଏମ୍‌ଏଫ୍‌ସି ଏବଂ ଗାନ୍ଧୀ ପାର୍କ ପାର୍ଶ୍ୱ ଦେଇ ଖୋର୍ଦ୍ଧାରୋଡ୍ ଷ୍ଟେଶନକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ରେଲ୍‌ୱେ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ରାସ୍ତାରେ ଲୁହାଗେଟ୍ ଲଗାଯାଇଥିଲା। ଏହାକୁ ବିରୋଧ କରି ଶନିବାର ଜଟଣୀ ନଗରପାଳ ଅନନ୍ତ ବେହେରା, ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ ଏବଂ କେତେଜଣ ବିଜେଡି କର୍ମୀ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ହେବ ବୋଲି କହି ଉକ୍ତ ଲୁହାଗେଟ୍‌କୁ ଉପାଡ଼ି ଦେଇଥିଲେ। ପ୍ରକାଶ ଯେ, ଗତ ନଭେମ୍ବର ୧୮ରେ ଉକ୍ତ ରାସ୍ତାରେ ରେଲ୍‌ୱେ ପ୍ରଶାସନ ପକ୍ଷରୁ ପାଚେରି ନିର୍ମାଣ କରାଯାଉଥିଲା। ସେହି ସମୟରେ ଜଟଣୀ ନଗରପାଳ, ସ୍ଥାନୀୟ କାଉନସିଲର ଏବଂ କେତେଜଣ ବିଜେଡି କର୍ମୀ ବିରୋଧ କରିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥଲା। ଉକ୍ତ ଦିନ ରେଳମଣ୍ଡଳ ପ୍ରବନ୍ଧକଙ୍କ ସହ ଆଲୋଚନା ବେଳେ ଉକ୍ତ ସ୍ଥାନରେ ଲୁହାଗେଟ୍ ଏବଂ ସିସିଟିଭି ଲଗାଇବା ପାଇଁ ନଗରପାଳ ଦାବି କରିଥିଲେ। ନିଷ୍ପତ୍ତି ଅନୁଯାୟୀ, ରେଲ୍‌ୱେ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ରାସ୍ତାରେ ଲୁହାଗେଟ୍ ଲଗାଯିବାରୁ ନଗରପାଳଙ୍କ ସମେତ ଅନ୍ୟମାନେ ବିରୋଧ କରିଥିଲେ। ଏନେଇ ନଗରପାଳ ଅନନ୍ତ ବେହେରା କହିଛନ୍ତି, ଉକ୍ତ ସ୍ଥାନରେ ଏକ ଗାଡ଼ି ଯାତାୟାତ କରିବା ଭଳି ଗେଟ୍ ଲାଗିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରେଲୱେ ପ୍ରଶାସନ ସମ୍ପୂର୍ଣ୍ଣ ଗେଟ୍ ଲଗାଇ ବନ୍ଦ କରିଦେଇଥିଲା। ଏହାକୁ ବିରୋଧ କରାଯାଇଥିଲା। ଆସନ୍ତା ବୁଧବାର ରେଲ୍‌ୱେ ପ୍ରଶାସନ ସହ ଆଲୋଚନା ପରେ ନିଷ୍ପତ୍ତି ହେବ। ଅନ୍ୟପଟେ ଏନେଇ ରେଲ୍‌ୱେ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଶାନ୍ତି, ମୈତ୍ରୀ, ଭାଇଚାରାର ପ୍ରତୀକ ଭାଗବତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

**ବେଗୁନିଆ,୧୧।୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମର ଶ୍ରୀ ଭାଗବତ ଦେବ ସତ୍‌ଶିକ୍ଷା କେନ୍ଦ୍ରର ପଞ୍ଚମ ବାର୍ଷିକୋତ୍ସବ ଶନିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଡ. ବନବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରବଚକ ଦାଶରଥି ସାମନ୍ତରାୟ ବକ୍ତାଭାବେ ଯୋଗଦେଇଥିବାବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଏବଂ ସନ୍ତୋଷ କୁମାର ଦାଶ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳାଚରଣ ପାଠ କରିବା ପରେ ଭାଗବତ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜକ ସଙ୍ଗଠନର ସମ୍ପାଦକ ନାରାୟଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭାଗବତ କଥାମୃତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିନ ଥିଲା, ସଞ୍ଜ ନଇଁବା ବେଳକୁ ଟୁଙ୍ଗି ପରିସରରେ ଭାଗବତ ପଠନ ଦ୍ୱାରା ଗ୍ରାମୀଣ ସଂସ୍କୃତିକୁ ଉଜ୍ଜୀବିତ କରୁଥିଲା। ଦିନର ପରିଶ୍ରମ ଲାଘବ କରିବା ସହ ଜୀବନକୁ ଶାନ୍ତି ଓ ଭାଇଚାରାର ପ୍ରତୀକ ଟୁଙ୍ଗି ପରିସରରେ ଦେଖିବାକୁ ମିଳିଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଯୁବ ସଙ୍ଗଠକ ସତ୍ୟବ୍ରତ ପାଣିଗ୍ରାହୀ, ଖବରଦାତା ଶିବପ୍ରସାଦ ଷଡ଼ଙ୍ଗୀ, ତ୍ରିଲୋଚନ ବାଘସିଂହ, ପଣ୍ଡିତ ତପନ କୁମାର ପଣ୍ଡା, ଗୌରହରି ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଶ୍ରୀକାନ୍ତ ଦାଶ, କବୟିତ୍ରୀ ବନଲତା ପଟ୍ଟନାୟକ, ରାଜକିଶୋର ସାସ୍ମଲ, ଅଭିମନ୍ୟୁ ମହାରଣାଙ୍କ ସମେତ ଦଶଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଭ୍ୟ ପ୍ରଭାତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭ୍ୟ ହରେକୃଷ୍ଣ ପଣ୍ଡା, ଜପନାରାୟଣ ପଣ୍ଡା, ଘନଶ୍ୟାମ ପୂଜାରୀ, ନିରଞ୍ଜନ ପଣ୍ଡା, ରବିନାରାୟଣ ପଣ୍ଡା, ଜୟକୃଷ୍ଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏ-୧ ଗ୍ରେଡ୍ ଆଶାୟୀ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ

**ବୋଲଗଡ଼,୧୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ସ୍କୁଲର ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଁ ଆଶାୟୀ ବିଦ୍ୟାର୍ଥୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବାମନ ସରକାରୀ ବିଦ୍ୟାଳୟରେ ଶୁକ୍ରବାର ସମ୍ବଳ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଛି। ସମ୍ବଳ ଶିକ୍ଷକ ଭାବେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା, ବାଙ୍କୋଇସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶୁଭେନ୍ଦୁ କୁମାର ସ୍ୱାଇଁ, ସରକାରୀ ଉଚ୍ଚ ବିଦ୍ୟାଳୟ ବୋଲଗଡ଼ର ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ କୁମାର ବେହେରା, ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଶିକ୍ଷାଦାନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବଳବନ୍ତରାୟ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀଙ୍କୁ ଅଧ୍ୟୟନର ପଦ୍ଧତି ସମ୍ପର୍କରେ ଉପଦେଶ ଦେଇଥିଲେ।

# ମକର ମେଳା ମହୋତ୍ସବ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୧୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ମା' କାଳିଜାଈଙ୍କ ପୀଠରେ ଆସନ୍ତା ୧୪ ତାରିଖରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଦିଗରେ ଆଲୋଚନା ହୋଇଥିଲା। ମା'ଙ୍କ ପୀଠରେ ଥିବା ଯୋଗେଶ୍ୱର ମହାଦେବଙ୍କ ମନ୍ଦିରର ଷଷ୍ଠବାର୍ଷିକ ଉତ୍ସବ ୧୨ ତାରିଖରୁ ଦୁଇଦିନ ଧରି ଅନୁଷ୍ଠିତ ହେବ। ବୈଠକରେ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବିଜୟ ଜେନା, ପ୍ରଶାନ୍ତ ଜେନା, ଦୁର୍ଯ୍ୟୋଧନ ନାୟକ, ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ମା'ଙ୍କ ପୀଠରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ବୋଲି ଆଇଆଇସି ସାହୁ କହିଛନ୍ତି।

# କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ 'ଯଶସ୍ୱିନୀ'




**ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଆକ୍ସନ୍ ଏଡ୍‌ର ମିଳିତ ଉଦ୍ୟମରେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ 'ଯଶସ୍ୱିନୀ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ସମସ୍ତ କିଶୋରୀ ମା'ଙ୍କୁ ପରିବାରର ସଦସ୍ୟ ବୋଲି କହିବା ସହ ଯଦି କୌଣସି ମା'ଙ୍କର ଆଗକୁ ପାଠ କିମ୍ବା କୌଣସି ପ୍ରକାର ଧନ୍ଦାମୂଳକ ଶିକ୍ଷାରେ ଇଚ୍ଛା ଥିବ, ତେବେ ସେମାନଙ୍କୁ ସମସ୍ତପ୍ରକାର ସାହାଯ୍ୟ ସହଯୋଗ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ଜିଲାରେ କିପରି ଭାବେ ଏହି କାର୍ଯ୍ୟକ୍ରମକୁ ଆଗକୁ ନିଆଯାଇପାରିବ, ସେନେଇ ମତବ୍ୟକ୍ତ କରିଥିଲେ। ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆକ୍ସନ୍ ଏଡ୍‌ର ନାଶନାଲ ପ୍ରୋଗ୍ରାମ ଲିଡ୍ ଘାସିରାମ ପଣ୍ଡା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇସିଡିଏସ୍ ପ୍ରୋଜେକ୍ଟର ୩୩ ଜଣ କିଶୋରୀ ମା' ଏବଂ କିଶୋରୀ ଗର୍ଭବତୀ ଯୋଗଦେଇଥିଲେ। କିଶୋରୀ ମା' ଏବଂ ଗର୍ଭବତୀଙ୍କୁ ଚିକିତ୍ସା କରାଯିବା ସହ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଏବଂ ଅଧାରୁ ପାଠ ଛାଡ଼ିଥିବା କିଶୋରୀ ମା'ମାନଙ୍କୁ ରାଜ୍ୟ ଶିକ୍ଷା ମୁକ୍ତ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ପରାମର୍ଶ ଦିଆଯାଇଛି। ପରିବାର ନିୟୋଜନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଆକ୍ସନ୍ ଏଡ୍‌ର ବାଲ୍ୟବିବାହ ନିରାକରଣ ଜିଲା ସଂଯୋଜକ ଉତ୍କଳ ମାଇତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସନ୍ତାନଙ୍କୁ ସୁଶିକ୍ଷା ଦେବା ମା'ବାପାଙ୍କ ପରମ କର୍ତ୍ତବ୍ୟ'

**ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)**



ୱକଫେ ନୌ ବାର୍ଷିକ ଇଜ୍‌ତେମା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସନ୍ତାନମାନଙ୍କୁ ସୁଶିକ୍ଷା ଦେବା ମା'ବାପାଙ୍କ ପରମ କର୍ତ୍ତବ୍ୟ। ଯୁବ ସୁଧାରରେ ହିଁ ସମାଜ ସୁଧାର। ବିଦ୍ୟା ଅର୍ଜନ କରିବା ସମସ୍ତବର୍ଗର ମୁସଲମାନ୍‌ମାନଙ୍କ ପାଇଁ ଆବଶ୍ୟକ। ଜ୍ଞାନାର୍ଜନ ଦ୍ୱାରା ବିବେକ ସୃଷ୍ଟି ହୋଇଥାଏ। ବିବେକ ଦ୍ୱାରା ମଣିଷ ଭଲମନ୍ଦର ବିଚାର କରିପାରିଥାଏ ବୋଲି କେରଙ୍ଗ ଅହମଦୀୟା ମୁସ୍‌ଲିମ୍ ବସ୍ତିରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ୱକଫେ ନୌ ବାର୍ଷିକ ଇଜ୍‌ତେମାରେ ଏହି ମତପ୍ରକାଶ ପାଇଛି।

ଏହି ବାର୍ଷିକ ଇଜ୍‌ତେମାର ଉଦ୍‌ଘାଟନୀ ଉତ୍ସବରେ ଅହମଦୀୟା ମୁସ୍‌ଲିମ୍ ସଙ୍ଗଠନର ଶିକ୍ଷା ସଚିବ ମୌଲାନା ସେକ୍ ଫରିଦ୍ ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତାଭାବେ କଟକ ଜିଲାର ମୁଖ୍ୟ ଧର୍ମ ପ୍ରଚାରକ ମୌଲାନା ସେକ୍ ଇସ୍‌ହାକ ଅଲ୍ଲୀ ଯୋଗଦେଇ ୱକଫେ ନୌ ସନ୍ତାନଙ୍କ ଦାୟିତ୍ୱ ତଥା ପୁସ୍ତକ 'ଇସ୍‌ଲାମୀୟ ନିୟମର ଦର୍ଶନ'ର ପରିଚୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ପିଲାମାନେ ସର୍ବଦା ସତ କହିବା ଉଚିତ। ସତ କହିବା ଦ୍ୱାରା ସାହସ ବଢ଼ିଥାଏ। ଏହି ପୁସ୍ତକଟି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସ୍‌ଲିମ୍ ସଙ୍ଗଠନର ପ୍ରବର୍ତ୍ତକ ହଜରତ ମୀର୍ଜା ଗୁଲାମ ଅହମ୍ମଦଙ୍କ ଦ୍ୱାରା ରଚିତ। ଉତ୍ସବରେ ସମ୍ମାନିତ ଅତିଥିଭାବେ କେରଙ୍ଗ ସଭାପତି ଅମିରୁଦ୍ଦିନ ଖାଁ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ମୁଖ୍ୟ ଧର୍ମ ପ୍ରଚାରକ ମୌଲାନା ମିର୍ ଅବ୍ଦୁଲ ହଫିଜ୍, କଟକ ସହରର ମୌଲାନା ଫଜଲ ହକ୍ ଖାଁ ଏବଂ କଟକ ଜିଲାର ୱକଫେ ନୌ ସଚିବ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ୱକଫେ ନୌ ପିଲାମାନଙ୍କର ଧାର୍ମିକ କାର୍ଯ୍ୟକ୍ରମର ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ବୋଲି ପରିଚାଳନା କମିଟି ସଚିବ କହିଛନ୍ତି।

# ପ୍ରଦର୍ଶନୀ ମ୍ୟାଚ୍ ଜିତିଲା ଦିନେଶ ଏକାଦଶ

**ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣରେ ଶନିବାର ପ୍ରଦର୍ଶନୀ ମ୍ୟାଚ୍ ଦିନେଶ ଏକାଦଶ ଏବଂ ସବ୍ୟସାଚୀ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି ସବ୍ୟସାଚୀ ଏକାଦଶ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଦିନେଶ ଏକାଦଶ ଆବଶ୍ୟକ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମ୍ୟାଚ୍ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଶଶିକାନ୍ତ ଦାସଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ୍ ପରିଚାଳନା ଲାଗି ଚିନ୍ମୟ ବୋଷ୍‌ଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଅବ୍‌ଦୁଲ ରହିମ୍ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଜନ୍ମେଜୟ ପ୍ରଧାନ ଏବଂ ହରିହର ଖାଡ଼େଙ୍ଗା ସ୍କୋରବୋର୍ଡ ପରିଚାଳନା କରିଥିଲେ। ଆସୋସିଏଶନ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, କାର୍ତ୍ତିକ ଜେନା, ବିଜ୍ଞାନ ସୁନ୍ଦରାୟ ଏବଂ ଅନ୍ୟ ସଭ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



# ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ-ରଙ୍ଗବାଜ କ୍ଲବ ଫାଇନାଲ ଆଜି



**ଟାଙ୍ଗୀ,୧୧।୧(ରଘୁନାଥ ସାହୁ)**

ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ମ୍ୟାଚ୍ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ଏବଂ ରଙ୍ଗବାଜ ଫୁଟ୍‌ବଲ କ୍ଲବ ଜଗଦଲପୁର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ଏବଂ ୱେଲ୍‌ଫେୟାର ଯୁଥ୍ କ୍ଲବ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୧ ଗୋଲରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିଜୟୀ ହୋଇଥିଲା। ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର ଏବଂ ନନ୍ଦକିଶୋର ସ୍ୱାଇଁ ସହଯୋଗ କରିଥିଲେ। ବକ୍ସର ଟିମ୍‌ର ଗୋଲକିପର ପାର୍ଥମ୍‌ଙ୍କୁ ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଚନ୍ଦ୍ରକାନ୍ତ ପାଇକରାୟ, ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସାମାଜିକ କର୍ମୀ ବିଜୟ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ପୂର୍ବତନ ସମିତିସଭ୍ୟ ନବକିଶୋର ଚହଟରାୟ, ବିନାୟକ ବେହେରା, ଡା. ନଗେନ ରାୟ ପଟ୍ଟନାୟକ, ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି କିଶୋର ବେହେରା, ଉପଦେଷ୍ଟା ବିଜୟ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ବିଜୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଙ୍କୁଡ଼ିଆ ସେମିଫାଇନାଲରେ

**ବାଘମାରୀ,୧୧।୧(ମିହିର ରଞ୍ଜନ ମହାପାତ୍ର):** ସିମୋର ପଞ୍ଚାୟତ ମା' ଗହ୍ଲେଇଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ବେଗୁନିଆ ଏବଂ ବିଙ୍କୁଡ଼ିଆ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବିଙ୍କୁଡ଼ିଆ ଟିମ୍ ପ୍ରଥମେ ବ୍ୟାଟିଂକରି ୧୬.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବେଗୁନିଆ ଟିମ୍ ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୬ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ବିଙ୍କୁଡ଼ିଆ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଙ୍କୁଡିଆ ଦଳର ସନ୍ଦୀପ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ବେଗୁନିଆ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଶ୍ରୀକାନ୍ତ ଜେନା ଅତିଥିଭାବେ ଯୋଗଦେଇଥିଲେ। ନରେଶ ଜେନା ଏବଂ ଚିନ୍ମୟ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଦେବାଶିଷ ଜେନା ଓ ବିଶ୍ୱଜିତ୍ ପଟ୍ଟନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

